ଧରିତ୍ରୀ
DHARITRI

February 7-13, 2021 ₹2/-

# ଛୁଟିଦିନ

# ବିଳାସୀ ରାଜା



ଏକଦା ଭାରତ ଥିଲା ରାଜା ମହାରାଜାଙ୍କ ଦେଶ। ସେମାନଙ୍କ ମଧ୍ୟରୁ କିଏ ଅଦମ୍ୟ ସାହସ ଓ ବୀରତ୍ୱ ପାଇଁ ପରିଚିତ ଥିଲେ ତ ଆଉ କିଏ ପରିଚିତ ଥିଲେ ସେମାନଙ୍କ ଅୟସ ଜୀବନ ଓ ଅଜବ ସଉକ ପାଇଁ। ନିଜ ଇଚ୍ଛା, ନିଜ ନିୟମରେ ଚାଲୁଥିଲେ ଅନେକେ। ଆଉ ପ୍ରତି ରାଜା ମହାରାଜାଙ୍କ ଜୀବନ ଥିଲା ଏକ କାହାଣୀ ପରି...

୩
ପ୍ରଚ୍ଛଦ ପ୍ରସଙ୍ଗ



ସିନେମା
୮/୯

୧୩
ସହରଠୁ ଦୂର

# ବିନା କଏଲ୍‌ରେ ଦୂର ହେବ ମଶା

ସନ୍ଧ୍ୟା ହେବା ପରେ ଅନେକଙ୍କ ଘରେ ମଶାଙ୍କ ସମସ୍ୟା ଦେଖିବାକୁ ମିଳିଥାଏ। ସେଥିପାଇଁ ଅନେକେ ମଶା ଦୂରକରିବା ପାଇଁ ବଜାରରେ ମିଳୁଥିବା ଲିକ୍ୟୁଡି, କଏଲ୍ ତଥା ଧୂପ ଆଦିର ବ୍ୟବହାର କରିଥାନ୍ତି। ଏହା କିଛି ସମୟ ପାଇଁ ଘରୁ ମଶା ଦୂର କରିଥାଏ ସତ, କିନ୍ତୁ ସେଥିରୁ ବାହାରୁ ଥିବା କେମିକାଲଯୁକ୍ତ ଧୂଆଁ ମଣିଷ ଶରୀର ପାଇଁ କ୍ଷତିକାରକ ହୋଇଥାଏ। ସେଥିପାଇଁ ଜାଣନ୍ତୁ କିଛି ଘରୋଇ ଉପାୟରେ ମଶା ଦୂର କରିବାର ଟିପ୍ସ...

➤ନଡ଼ିଆ କତାକୁ ଜଳାଇ ସେଥିରେ କିଛି ଜୁଆଣି ପକେଇ ଦେଲେ ଯେଉଁ ଧୂଆଁ ବାହାରିବ ତାକୁ ସବୁ ଘରେ ଖେଳେଇ ଦିଅନ୍ତୁ। ଏହା ଦ୍ୱାରା ବହୁ ଶୀଘ୍ର ଘରୁ ମଶା ପଳେଇବେ।

➤ନଡ଼ିଆ କତା ଧୂଆଁରେ ମଧ ମଶା ଦୂର ହୋଇଯାଇଥାନ୍ତି।

➤ନିମ୍ବତେଲରେ କିଛି କର୍ପୂର ଗୁଣ୍ଡ ମିଶାଇ ଏହି ମିଶ୍ରଣକୁ



ତେଜପତ୍ରରେ ଲଗାଇ ଜଳାନ୍ତୁ। ଏଥିରୁ ଯେଉଁ ଧୂଆଁ ବାହାରେ ସେଥିରେ ବି ମଶା ସବୁ ଘରୁ ଶୀଘ୍ର ବାହାରିଯାନ୍ତି। ତା'ଛଡ଼ା ଏହି ନିମ୍ବ ତେଲ ଓ କର୍ପୂର ଗୁଣ୍ଡର ମିଶ୍ରଣକୁ ଦୀପ ଆକାରରେ ଜଳାଇଲେ ରାତିସାରା ଘରେ ମଶା ହୋଇ ନ ଥାନ୍ତି।

➤ସନ୍ଧ୍ୟା ସମୟରେ ଘରର ସବୁ ଝରକା କବାଟ ବନ୍ଦ କରି ୩ରୁ ୪ଟି କର୍ପୂରକୁ ଜଳାଇ ଦେଲେ ଘର ଭିତରେ ଥିବା ମଶା ସବୁ ମରି ଯାଇଥାନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୭-୧୩

### ମେଷ
କାର୍ଯ୍ୟସିଦ୍ଧି ହେବ, ଯାତ୍ରା ପ୍ରୀତିପ୍ରଦ ରହିବ, ବନ୍ଧୁ ସାହାଯ୍ୟ ଦେବେ, ଶାରୀରିକ କଷ୍ଟ ପାଇବେ, ବ୍ୟସ୍ତତା ବଢ଼ି ଯାଇପାରେ, ଅର୍ଥସଂକଟ ଦେଖାଦେବ, ଭ୍ରମଣ ସୁଯୋଗ ଜୁଟିବ, ଧର୍ମକାର୍ଯ୍ୟ କରିବେ, ମାନସିକ ସ୍ଥିରତା ଆସିବ।

### ବୃଷ
ସମ୍ପର୍କୀୟଙ୍କ ସହଯୋଗ ମିଳିବ, ନୂତନ ବନ୍ଧୁତା କରିବେ, ଯାନ୍ତ୍ରିକ ଜିନିଷ କିଣିବେ, ମଙ୍ଗଳୋତ୍ସବ କାର୍ଯ୍ୟର ପ୍ରସ୍ତୁତି, ଶୁଭଖବର ପାଇବେ, ବ୍ୟବସାୟିକ ସଫଳତା ପାଇବେ।

### ମିଥୁନ
ପ୍ରତିବନ୍ଧକରୁ କାର୍ଯ୍ୟ ସ୍ଥଗିତ, ମନସ୍ତାପରୁ ଅସୁସ୍ଥତା, ଅପ୍ରିୟ ସତ୍ୟ ଭାଷଣରୁ କଳହ, ଗୁରୁବର୍ଗଙ୍କ ଆଶ୍ୱାସନା, ପଦାଧିକାରୀଙ୍କ ଅନୁକମ୍ପା, ସାମ୍ବାଦିକତାରୁ ଗୌରବ, ନୂତନ ନିଯୁକ୍ତି ସୂଚନା, ପ୍ରଶାସନିକ ତତ୍ପରତା ବୃଦ୍ଧି।

### କର୍କଟ
ସ୍ୱାସ୍ଥ୍ୟ ଭଲ ରହିବ, ଅଧସ୍ତନ କର୍ମଚାରୀଙ୍କ ଅନୁରକ୍ତି, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନପ୍ରାପ୍ତି, ଶୁଭ ଖବର ଶୁଣି ଖୁସି ହେବେ, ଦୂରସ୍ଥାନକୁ ଯାତ୍ରା କରିବେ, ପ୍ରତିଯୋଗିତାରେ ସଫଳତା ମିଳିବ।

### ସିଂହ
ସାମୟିକ ସଂକଟ ଦେଖାଦେବ, ଅଯଥା ଧନବ୍ୟୟ ହୋଇପାରେ, ସମାଲୋଚିତ ହୋଇପାରନ୍ତି, ସମ୍ପର୍କ ହାନିରୁ ମନସ୍ତାପ, ରାଜନୀତିର ପୃଷ୍ଠପୋଷକତା ମିଳିବ, ମକଦ୍ଦମାରେ ସଫଳତା।

### କନ୍ୟା
ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଉତ୍ସାହିତ ହେବେ, ସହାୟତା ପାଇବେ, ବନ୍ଧୁ ମିଳନ ଘଟିବ, ଉଚ୍ଚବର୍ଗଙ୍କ ସାହାଯ୍ୟ ଲାଭ, ସାମାଜିକ ସ୍ତରରେ ପ୍ରଶଂସା, ଲକ୍ଷ୍ୟହୀନ ଯାତ୍ରାରୁ ମନସ୍ତାପ, ସହକର୍ମୀ ସହ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି ଦେଖାଦେବ।

### ତୁଳା
ମିତ୍ରତା ବୃଦ୍ଧି ଘଟିବ, ଘରକାମରେ ବ୍ୟସ୍ତ ରହିବେ, ଅସୁବିଧା ଭୋଗିପାରନ୍ତି, ବିରୋଧୀଙ୍କ ଶତ୍ରୁତା, ବନ୍ଧୁ ମିଳନ ଘଟିବ, କଳାନୁରାଗୀ ହେବେ, ଯୋଗସାଧନାରେ ରୁଚିବଢ଼ିବ, ବିଦେଶଯାତ୍ରାର ମଉକା ପାଇବେ।

### ବିଛା
ଅଭିଳାଷ ପୂରଣ ହେବ, ମାନସିକ ଚାପ କମିବ, ଆରୋଗ୍ୟଲାଭରୁ ଆଶ୍ୱସ୍ତି ଲାଭ, ପଡୋଶୀଙ୍କ ଖଳ ମନ୍ତ୍ରଣା, ପରିବାରରେ ଝଡ ଉଠିପାରେ, ବନ୍ଧୁ କ୍ଷୁବ୍ଧହେବେ, ବନ୍ଧୁଙ୍କ ଅନାଦର ଭାବ, ସାମୟିକ ମନଦୁଃଖ, ପଦମର୍ଯ୍ୟାଦା ବୃଦ୍ଧି।

### ଧନୁ
କ୍ରନିକ୍ ରୋଗରେ ପୀଡ଼ା, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ବନ୍ଧୁମାନଙ୍କ ପରାମର୍ଶ, ସଞ୍ଚୟ ଜମା ଉଠାଇବେ, ତୀର୍ଥାଟନ କରିପାରନ୍ତି, ଖୁସିର ଆସର ଜମିବ, ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ, ସୁସମ୍ପର୍କ ବ୍ୟାହତ ହେବ, ଭୁଲ୍ କାମ କରିପାରନ୍ତି।

### ମକର
ସଭାସମିତିକୁ ନିମନ୍ତ୍ରଣ, ରାଜକୀୟ ସମ୍ମାନ ପାଇବେ, ଅନୁସନ୍ଧାନରେ ସଫଳତା, ଗବେଷଣାରେ ଅଗ୍ରଗତି, ବ୍ୟବସାୟରେ ଉନ୍ନତି, ସ୍ୱାସ୍ଥ୍ୟଭଲ ରହିବ, ଏଜେନ୍ସିପ୍‌ରୁ ଲାଭ, ସାହିତ୍ୟକୃତିରୁ ସମ୍ମାନ, ଖର୍ଚ୍ଚ ପରିମାଣ ବୃଦ୍ଧି।

### କୁମ୍ଭ
ଦକ୍ଷତାଭିତ୍ତିକ ଉଚ୍ଚପ୍ରଶଂସା, ବିବାଦର ସମାଧାନ, ଛିନ୍ନ ସମ୍ପର୍କକୁ ଯୋଡ଼ିବେ, ଜମିଜମା ଲାଭ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ବନ୍ଧୁଙ୍କ ଦ୍ୱିରୁକ୍ତିରୁ କ୍ଷୋଭ, ଧାତୁ ଅଳଙ୍କାର କ୍ରୟ, ସମସ୍ୟାକୁ ସୁଧାରିବେ, ମନୋବଳ ବୃଦ୍ଧି ପାଇବ, ଭ୍ରାତୃ ସହଯୋଗ ମିଳିବ।

### ମୀନ
ମାନସିକସ୍ଥିତି ଭଲ ରହିବ, କଠିନ ଶ୍ରମ କରିବେ, ଅତୀତ ଘଟଣାର ଅନୁଚିନ୍ତା, ପ୍ରତିଯୋଗିତାରେ ସଫଳତା, ଶୁଭଖବର ପାଇବେ, ସମସ୍ୟାର ସମାଧାନ, ଆମୋଦ ପ୍ରମୋଦର ମଉକା, ପାରିବାରିକ ଶାନ୍ତି, କାମ ଅଟକିବ ନାହିଁ, ବନ୍ଧୁ ମିଳନରୁ ଆନନ୍ଦ।

# ନବବଧୂ ପରି ଝରଣା

ଭଗବାନଙ୍କ ସୃଷ୍ଟିରେ ପ୍ରକୃତିରାଣୀର ସୌନ୍ଦର୍ଯ୍ୟ କୌଣସି ବିସ୍ମୟଠାରୁ କମ୍ ନୁହେଁ । ଏମିତି ଏକ ଅବିଶ୍ୱସନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ରହିଛି ଦକ୍ଷିଣ ଆମେରିକାର ପେରୁଠାରେ। ଏହା ଏକ ଝରଣା ; ଯାହାର ନା ହେଉଛି 'କାଟାରାଟା ଭେଲୋ ଦେ ଲା ନୋଭିଆ'। କିନ୍ତୁ ବର୍ତ୍ତମାନ ଏହା 'ୱାଟରଫଲ୍ ଅଫ୍ ଦ ବ୍ରାଇଡ୍' ନାମରେ ବେଶ୍ ପରିଚିତ । ଆଉ ଏପରି ନାମକରଣ ପଛର କାରଣ ହେଉଛି ଉକ୍ତ ଝରଣାଟି ଦୂରରୁ ନବବଧୂ ପରି ଧଳା ଗାଉନ୍ ପିନ୍ଧିଥିବା ଏକ ମହିଳା ଭଳି ଦେଖାଯାଇଥାଏ । ଖାସ୍ ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମିଥାଏ। ତେବେ ଏହି ଝରଣାଟି ୨୦୦ଫୁଟ୍ ଉଚ୍ଚରୁ ଛୋଟ ଛୋଟ ଗୁମ୍ଫା ଦେଇ ଝରି ଆସିଛି ସତ, କିନ୍ତୁ ୫୦ ଫୁଟ୍ ଉଚ୍ଚରୁ ହିଁ ଏହାର ପ୍ରକୃତ ଆକୃତି ଦେଖିବାକୁ ମିଳେ। ସୂଚନାନୁଯାୟୀ, ୨୦୧୮ ମସିହାରୁ ଏହି ଝରଣାଟି



ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କ୍ରମେ ଏହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିସହିତ ଏହି ସ୍ଥାନକୁ ଯିବା ପାଇଁ ଏବେ ଗୁଗଲ ମ୍ୟାପ୍‌ରେ ଲୋକେସନ୍ ମଧ ଦେଖିବାକୁ ମିଳିଲାଣି ।

# ପାଠକୀୟ

➤ଆମ ସମ୍ବିଧାନର କିଛି ଜଣା-ଅଜଣା କଥାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଆମ ସମ୍ବିଧାନ କଥା'ରୁ ଅନେକ କିଛି ଶିକ୍ଷଣୀୟ ତଥ୍ୟ ଜାଣିବାକୁ ମିଳିଲା। 'ଇଣ୍ଡୋନେସିଆର ବୃହତ୍ତମ ଗରୁଡ଼ ବିଷ୍ଣୁ ମୂର୍ତ୍ତି'ଟି ଦେଖିବାକୁ ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ପ୍ରମୋଦ ସ୍ୱାଇଁ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

➤ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଆମ ସମ୍ବିଧାନ କଥା' ପାଠଟି ସତରେ ଏକ ତଥ୍ୟପୂର୍ଣ୍ଣ ବିଷୟ ଥିଲା। 'ଟ୍ରାଇ କଲର୍ ଫ୍ୟାଶନ' ପାଠଟିରୁ ଫ୍ୟାଶନରେ ବି କେମିତି ଦେଶପ୍ରୀତିକୁ ଅନୁଭବ କରିହେବ, ସେ ସମ୍ପର୍କରେ ଅନେକ କିଛି କଥା ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବାଲିଆପାଳର ରମାଦେବୀ ଭାବେ ନିଆରା ପରିଚିତି ସୃଷ୍ଟି କରିପାରିଥିବା ଭବାନୀ ଭୂୟାଁଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ପଢି ମନରେ ଏକପ୍ରକାର ପ୍ରେରଣା ସୃଷ୍ଟି ହେଲା। *–ଶିବାନୀ ଶତପଥୀ, ନୟାଗଡ଼*

➤ସୃଜନ ପୃଷ୍ଠାରେ ସ୍ଥାନିତ 'ତଳ ମହଲାର ଘର' ନାମକ ଗପଟି ବେଶ୍ ମଜାଦାର୍ ଥିଲା ପଢିବାକୁ। ସେହିପରି 'ବାହୁଡ଼ା ପକ୍ଷୀ' ନାମକ କବିତାଟି ବି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ପ୍ରଭାସଙ୍କ ଗିଫ୍ଟ', 'ଇମୋଶନାଲ ୟାମି', 'ଜିଲାପି ପ୍ରିୟ ଦିଶା', 'ଶାହରୁଖ ହିଁ ପସନ୍ଦ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ହୋଇପାରୁଛି।

*–ଧର୍ମେନ୍ଦ୍ର କୁମାର ଦାସ, ସୋରଣ, ଖୋର୍ଦ୍ଧା*

➤'ଜନଜାତି ସଂଗ୍ରହାଳୟ' ପାଠଟି ମଧ ବେଶ୍ ଶିକ୍ଷଣୀୟ ତଥା ତଥ୍ୟପୂର୍ଣ୍ଣ ହୋଇପାରିଥିଲା। ମଡେଲ୍ ମିରର୍‌ରେ ସାଧନା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ଏମିତି କେତୋଟି ସ୍ଥାନ ସମ୍ପର୍କରେ ଜାଣିହେଲା, ଯେଉଁଠାକୁ ଗଲେ ଦେଶପ୍ରୀତିକୁ ଖୁବ୍ ନିକଟରୁ ଅନୁଭବ କରିହେବ। ବିବିଧା ପୃଷ୍ଠାରେ ସ୍ଥାନିତ 'ପତ୍ରରେ ଏମ୍ବ୍ରୋଏଡରୀ' ପାଠଟି ଖୁବ୍ ଆଶ୍ଚର୍ଯ୍ୟକର ଥିଲା।

*–ମୌସୁମୀ ମହାନ୍ତି, ପଟିଆ, ଭୁବନେଶ୍ୱର*

➤'ବିଚିତ୍ର ସାମୁଦ୍ରିକ ଜୀବ' ପାଠଟିରୁ କେତେକ ଅଜବ ଜୀବଙ୍କ ସମ୍ପର୍କରେ ଜାଣିବାକୁ ମିଳିବାରୁ ଆଶ୍ଚର୍ଯ୍ୟ ଲାଗିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କୁକୁରର ଅୟସ ଜୀବନ', 'ମାରାଡୋନା କେକ୍' ଏବଂ 'ଚିପ୍ସ ପ୍ୟାକେଟ୍‌ରେ ତିଆରି କଲେ କମ୍ବଳ' ଆଦି ପାଠଗୁଡ଼ିକ ସମ୍ପର୍କରେ ପଢି ଅନେକ କିଛି ତଥ୍ୟ ଜାଣିହେଲା। *–ସସ୍ମିତା ସିଂ, ନଖରା, କଟକ*

–ମୋତେ ଛୁଟିଦିନର ସବୁ ପୃଷ୍ଠା ପଢିବାକୁ ବହୁତ ଭଲ ଲାଗେ। ଖାସ୍ କରି ଏହାର ପ୍ରଥମ ରୋଜଗାର ସ୍ତମ୍ଭରେ ସ୍ଥାନ ପାଉଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କର ରୋଜଗାର ସମ୍ପର୍କିତ ଅନୁଭୂତି ବେଶ୍ ହୃଦୟସ୍ପର୍ଶୀ ହୋଇଥାଏ। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାଟି ମଧ ଜଣଙ୍କ ବିଷୟରେ ସମ୍ପୂର୍ଣ୍ଣ ଜାଣିବା ପାଇଁ ଆମକୁ ଅନେକ ସାହାଯ୍ୟ କରିଥାଏ।

*–ଦିଲ୍ଲୀପ ସାମନ୍ତରାୟ, କଳାହାଣ୍ଡି*

## ବିଶେଷ ଚିଠି



ଛୁଟିଦିନ ଆଣିଅଛି ଉତ୍ତମ ଲେଖା
ପ୍ରଚ୍ଛଦ ପ୍ରସଙ୍ଗ 'ଆମ ସମ୍ବିଧାନ କଥା'।
ସୃଜନ, ଗପ, କବିତା ଭାରି ବଢିଆ
ଯେତେ ପଢିଲେ ବି ତାହା ଲାଗଇ ନୂଆ।
ଅତି ମଜାଦାର କାର୍ଟୁନ କର୍ନର
ମନ କିଣିନିଏ ସାଥୀର ଉତ୍ତର।
ଛୁଟିଦିନ ରବିବାରେ ସଦା ଆସୁଥାଅ
ନାନା ଲେଖା ଆଣି ପାଠକଙ୍କୁ ଭେଟିଦିଅ।


*–ଡ. ଶରତ କୁମାର ଚଉଁରୀ,*
*ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ବିଳାସୀ ରାଜା

**ଏକଦା ଭାରତ ଥିଲା ରାଜା ମହାରାଜାଙ୍କ ଦେଶ। ସେମାନଙ୍କ ମଧ୍ୟରୁ କିଏ ଅଦମ୍ୟ ସାହସ ଓ ବୀରତ୍ୱ ପାଇଁ ପରିଚିତ ଥିଲେ ତ ଆଉ କିଏ ପରିଚିତ ଥିଲେ ସେମାନଙ୍କ ଅୟସ ଜୀବନ ଓ ଅଜବ ସଉକ ପାଇଁ। ନିଜ ଇଚ୍ଛା, ନିଜ ନିୟମରେ ଚାଲୁଥିଲେ ଅନେକେ। ଆଉ ପ୍ରତି ରାଜା ମହାରାଜାଙ୍କ ଜୀବନ ଥିଲା ଏକ କାହାଣୀ ପରି। ସେମିତି କେତେଜଣ ରାଜାଙ୍କ ଗପ ପରି ଲାଗୁଥିବା ସତ କାହାଣୀ..**



ମହାରାଜା ଭୁପିନ୍ଦର ସିଂ



ମହାରାଜା ଜୟ ସିଂ ପ୍ରଭାକର

**ନିଜ ଶରୀର ଓଜନର ସୁନା ଦାନ କରିଥିଲେ ବିକାନେର୍ ମହାରାଜା ଗଙ୍ଗା ସିଂ–** କାହାଣୀରେ ଶୁଣିଥିବେ ଜନୈକ ଦାନୀ ରାଜା ନିକିତିର ଗୋଟିଏ ପାର୍ଶ୍ୱରେ ବସି ନିଜ ଶରୀର ଓଜନ ସହ ସମାନ ସୁନା ଲୋକଙ୍କୁ ଦାନ କରିଥିଲେ। ତେବେ ଏହା କେବଳ କାହାଣୀ ନୁହେଁ, ବାସ୍ତବରେ ବି ଜଣେ ରାଜା ଏମିତି କରିଥିବା ଜଣାପଡ଼େ। ସେ ହେଉଛନ୍ତି ବିକାନେର୍‌ର ମହାରାଜା ଗଙ୍ଗା ସିଂ। ଏହି ମହାରାଜା ଥିଲେ ବେଶ୍ ଦୟାଳୁ। ତେଣୁ ପ୍ରଜାମାନେ ତାଙ୍କୁ ବହୁତ ଭଲ ପାଉଥିଲେ। ସେ ଏତେ ଦୟାବାନ୍ ଥିଲେ ଯେ, ତାଙ୍କ ସୁବର୍ଣ୍ଣ ଜୟନ୍ତୀ ତଥା ସେ ୫୦ ବର୍ଷ ବୟସରେ ଅବତୀର୍ଣ୍ଣ ହେବା ଖୁସିରେ 'ତୁଳା ଦାନ' ନାମକ ପୁରାତନ ହିନ୍ଦୁ ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବରେ ସେ ନିକିତିର ଏକ ପାର୍ଶ୍ୱରେ ବସିଥିଲେ। ଆଉ ଅନ୍ୟ ପଟରେ ରଖାଯାଇଥିଲା ସୁନା ଇଟା। ତାଙ୍କ ଶରୀର ଓଜନ ସହ ସମାନ ହେବା ଯାଏ ସୁନା ଇଟା ରଖାଯାଇଥିଲା। ପରେ ସେହି ସୁନା ଇଟାର ମୂଲ୍ୟ ସହ ସମାନ ଅର୍ଥକୁ ସେ ଲୋକଙ୍କୁ ଦାନ କରିଥିଲେ।

**ରୋଲ୍‌ସ ରୟ କାର୍‌କୁ ଅଳିଆ ସଂଗ୍ରହ କାର୍ଯ୍ୟରେ ଲଗାଇଥିଲେ ଅଲୱରର ମହାରାଜା ଜୟ ସିଂ ପ୍ରଭାକର–** ଜଣେ ଦୀପ୍ତିମାନ, ବିଦ୍ୱାନ ରାଜାଭାବେ ପରିଚିତ ଥିଲେ ଅଲୱରର ମହାରାଜା ଜୟ ସିଂ ପ୍ରଭାକର। ତାଙ୍କୁ ଲକ୍ଜ୍ୟୁରିୟସ୍ ରୋଲ୍‌ସ୍ ରୟସ୍ କାର୍ ବହୁତ ପସନ୍ଦ ଥିଲା। ସେଥିପାଇଁ ତ ତାଙ୍କ ପାଖରେ ୭ଟି ରୋଲ୍‌ସ ରୟସ୍ କାର୍ ଥିଲା। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏକ ଘଟଣା ଲାଗି ଶେଷରେ ସେ ଏହି ଦାମୀ ଗାଡିଗୁଡିକୁ ନିଜ ରାଜ୍ୟର ଅଳିଆ ସଂଗ୍ରହ ପାଇଁ ବ୍ୟବହାର କରିଥିଲେ। ଘଟଣାଟି ଥିଲା ଏମିତି– ଥରେ ମହାରାଜା ସାଦା ପୋଷାକରେ ଲଣ୍ଡନର ରୋଲ୍ସ ରୟସ୍ କାର୍ ଶୋ' ରୁମ୍ ଯାଇଥିଲେ। ସେଠାକାର ଜଣେ ସେଲ୍ସମ୍ୟାନ୍ ତାଙ୍କୁ ଗରିବ ଭାରତୀୟ ଭାବି ତାଚ୍ଛଲ୍ୟ କରିଥିଲେ, ଯାହା କି ତାଙ୍କୁ ବହୁତ ଖରାପ ଲାଗିଥିଲା। ତାଙ୍କ ସ୍ୱାଭିମାନ ପ୍ରତି ଆଞ୍ଚ ଆସିଥିଲା। ସେ ଖୁବ୍ ରାଗି ଯାଇଥିଲେ। ଆଉ ପ୍ରତିଶୋଧ ନେବାକୁ ନିଷ୍ପତ୍ତି ନେଲେ। ତେଣୁ ସେ ଶୋ' ରୁମ୍‌ର ସବୁ କାର୍ କିଣିନେଲେ। ତା'ସହ ସର୍ତ୍ତ ରଖିଲେ ଯେ, କାର୍‌ଗୁଡିକୁ ସେହି ସେଲ୍ସମ୍ୟାନ ନିଜେ ମହାରାଜାଙ୍କ ମହଲରେ ପହଞ୍ଚାଇବ। କାର୍‌ଗୁଡିକୁ ସେଲ୍ସମ୍ୟାନ୍ ମହଲରେ ପହଞ୍ଚାଇବା ପରେ ମହାରାଜା ଆଦେଶ ଦେଲେ ଯେ, ଗାଡ଼ିଗୁଡ଼ିକର ଛାତ ବାହାର କରି ରାଜ୍ୟର ଅଳିଆ ସଂଗ୍ରହ କାମରେ ନିୟୋଜିତ କରାଯାଉ। ଆଉ ସେଇୟା ହେଲା। ଏହି ଘଟଣା ପରେ ରୋଲ୍ସ ରୟ କମ୍ପାନୀ ମହାରାଜାଙ୍କ ସହ ହୋଇଥିବା ଅପମାନ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ।

**ଲୁଇସ୍ ଭିଟୋନ୍ ଟ୍ରଙ୍କ ଧରି ଭ୍ରମଣ କରୁଥିଲେ କପୁରଥାଲା ରାଜା ଜଗତଜିତ୍ ସିଂ–**ବ୍ରିଟିଶ ଶାସନାଧୀନ ଭାରତ ଅନ୍ତର୍ଗତ କପୁରଥାଲାର ଶାସକ ଥିଲେ ଜଗତଜିତ୍ ସିଂ। ମାତ୍ର ୫ ବର୍ଷ ବୟସରୁ ଶାସନଭାର ସମ୍ଭାଳିଥିବା ଜଗତଜିତ୍ ଥିଲେ ଲକ୍ଜ୍ୟୁରିୟସ୍ ସାମଗ୍ରୀ ପ୍ରିୟ। ଆଉ ତାଙ୍କର ପ୍ରିୟ ବ୍ରାଣ୍ଡ ଥିଲା ଲୁଇସ୍ ଭିଟୋନ୍। ଏବେ ହୁଏତ ଅନେକଙ୍କ ପାଖରେ ଏହି ବ୍ରାଣ୍ଡର ବ୍ୟାଗ୍ ଥିବ। କିନ୍ତୁ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହି ବ୍ରାଣ୍ଡର ବ୍ୟାଗ ଭାରତରେ ଏତେଟା ନ ଥିଲା। ସେତେବେଳେ ଭାରତରେ ଲକ୍ଜ୍ୟୁରିୟସ୍ ତଥା ଡିଜାଇନର୍ ଜିନିଷର ଲୋକପ୍ରିୟତା ବି ଏତେଟା ନ ଥିଲା। କିନ୍ତୁ ଏହି ସମୟରେ ମହାରାଜା ଜଗତ୍‌ଜିତ ସିଂ ଥିଲେ ଲାଟେଷ୍ଟ ଲକ୍ଜ୍ୟୁରିୟସ୍ ସାମଗ୍ରୀ କ୍ଷେତ୍ରରେ ପୂରା ଅପ୍‌ଡେଟ୍। ତା'ସହ ସେ ଥିଲେ ଭ୍ରମଣପ୍ରିୟ। ଆଉ ସେ ଷ୍ଟାଇଲ୍‌ରେ ଭ୍ରମଣ କରିବାକୁ ପସନ୍ଦ କରୁଥିଲେ। ସେ ଲୁଇସ୍ ଭିଟୋନ୍ କମ୍ପାନୀକୁ ନିଜର ବ୍ୟକ୍ତିଗତ ଟ୍ରଙ୍କ ଡିଜାଇନ୍ କରିବାକୁ ଅର୍ଡର ଦେଇଥିଲେ। ମହାରାଜା ଜଗତ୍‌ଜିତ ସିଂଙ୍କର ଦାମୀ ପୋଷାକ, ବିଭିନ୍ନ ଡିଜାଇନ୍‌ର ସୁଟ୍, ପଗଡି, ଖଣ୍ଡା, ଜୋତା ଆଦିର ଭଲ ସଂଗ୍ରହ ଥିଲା। ସେସବୁକୁ ଅଲଗା ଅଲଗା ରଖିବା ପାଇଁ ସେ ଲୁଇସ୍ ଭିଟୋନ୍ ଟ୍ରଙ୍କ ବ୍ୟବହାର କରୁଥିଲେ। ଭ୍ରମଣ କରିବା ସମୟରେ ସେ ନିଜ ସହ ୬୦ଟି ଲୁଇସ୍ ଭିଟୋନ୍ ଟ୍ରଙ୍କ ସାଙ୍ଗରେ ନେଇ ଯାଉଥିଲେ।

**ରୁପା ରଥ ତିଆରି କରିଥିଲେ ପଟିଆଲାର ମହାରାଜା ଭୁପିନ୍ଦର ସିଂ–** ଯେତେବେଳେ ରାଜା ମହାରାଜା ସୁନା, ହୀରା ପାଇଁ ପାଗଳ ଥିଲେ। ଆଉ ସୁନା ହୀରାର ସାମଗ୍ରୀ ତିଆରି କରୁଥିଲେ, ସେହି ସମୟରେ ପଟିଆଲାର ମହାରାଜା ଭୁପିନ୍ଦର ସିଂ ରୁପା ପାଇଁ ଥିଲେ ପାଗଳ। ସେ ରୁପାର ଏକ ରଥ ବି ତିଆରି କରିଥିଲେ। ସେଇ ରୁପା ରଥ ଏବେ ମଧ୍ୟ ଅଛି। ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଏହି ରଥରେ ହିଁ ବସି ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ଯାଇଥିଲେ। କେବଳ ସେତିକି ନୁହେଁ, ଭୁପିନ୍ଦର ସିଂ ହେଉଛନ୍ତି ଭାରତର ପ୍ରଥମ ବ୍ୟକ୍ତି ଯିଏ କି ଏକ ଏୟାରକ୍ରାଫ୍ଟ କିଣିଥିଲେ। ୧୯୧୦ ମସିହାରେ ସେ ଏହାକୁ ୟୁକେରୁ କିଣିଥିଲେ। ଏହାକୁ ଉଡାଇବା ପାଇଁ ପଟିଆଲାରେ ଏକ ଏୟାରଷ୍ଟ୍ରିପ୍ ବି ତିଆରି କରିଥିଲେ। ତା'ଛଡା ସେତେବେଳେ ତାଙ୍କ ପାଖରେ ମେଡାଲ୍‌ର ବଡ ସଂଗ୍ରହ ବି ଥିଲା ; ଯାହାକୁ ପୃଥିବୀର ବଡ଼ ସଂଗ୍ରହ କୁହାଯାଉଥିଲା।

**ବହୱଲପୁରର ନୱାବ ସଦ୍ଦିକ ମହମ୍ମଦ ଖାଁ ଅବାସୀ ୪ର୍ଥଙ୍କର ଥିଲା ନାରୀ ପ୍ରତିମୂର୍ତ୍ତି ଥିବା ଖଟ** – ୧୮୮୨ ମସିହାରେ ବହୱଲପୁରର ମହାରାଜା ସଦ୍ଦିକ ମହମ୍ମଦ ଖାଁ ଅବାସୀ ୪ର୍ଥ ଏକ ସ୍ୱତନ୍ତ୍ର ରୁପା ଛାଉଣି ଖଟ ନିର୍ମାଣ କରାଇଥିଲେ ; ଯାହାକି ସେତେବେଳେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୨୦ ବର୍ଷୀୟ ନୱାବ ପ୍ୟାରିସ୍‌ର କ୍ରିଷ୍ଟୋଫଲ୍ ନାମକ ଆସବାବପତ୍ର କମ୍ପାନୀକୁ ବରାଦ ଦେଇଥିଲେ ଏହାକୁ ତିଆରି କରିବା ପାଇଁ। ମହାରାଜା ଖଟଟିକୁ ଡାର୍କ ରୋଜ୍‌ଉଡ୍‌ରେ ତିଆରି କରିବା ସହ ସେଥିରେ ସୁନ୍ଦର କାରୁକାର୍ଯ୍ୟ ଓ ଖଟ ଚାରିପଟେ ଚାରୋଟି ମହିଳାଙ୍କ ପ୍ରତିମୂର୍ତ୍ତି କରିବାକୁ ବରାଦ ଦେଇଥିଲେ। ସେହି ନାରୀ ମୂର୍ତ୍ତିଗୁଡିକ ବ୍ରୋଞ୍ଜରେ ତିଆରି ହୋଇଥିଲା। ଆଉ ସେଥିରେ ମଣିଷ ଶରୀର ଭଳି ରଙ୍ଗ ଦିଆଯାଇଥିଲା। ତା'ସହ ଲଗାଯାଇଥିଲା ସତସତିକା ମଣିଷର କେଶ। ମୂର୍ତ୍ତିଗୁଡିକର ଆଖି ମଣିଷ ଆଖି ଭଳି ମିଟିକା ମାରିପାରୁଥିଲା। ହାତ ବି ହଲିପାରୁଥିଲା। ଏମାନେ ହାତରେ ବିଞ୍ଚଣା ଓ ଘୋଡା ଲାଞ୍ଜ ଧରି ଠିଆ ହୋଇଥିଲେ। ଏହି ମୂର୍ତ୍ତିଗୁଡିକ ୟୁରୋପ ମହାଦେଶର ଚାରୋଟି ଦେଶର ମହିଳାଙ୍କୁ ଦର୍ଶାଉଥିଲା। ସେହି ଦେଶଗୁଡ଼ିକ ହେଉଛି ଫ୍ରାନ୍ସ, ସ୍ପେନ, ଇଟାଲି ଓ ଗ୍ରୀସ୍। ତେଣୁ ପ୍ରତି ନାରୀ ପ୍ରତିମୂର୍ତ୍ତିର ଶରୀରର ରଙ୍ଗ ଓ କେଶ ରଙ୍ଗ ଭିନ୍ନ ଥିଲା। ଏହି ମୂର୍ତ୍ତିଗୁଡ଼ିକ ହାତରେ ଧରିଥିବା ପଙ୍ଖାରେ ମହାରାଜାଙ୍କୁ ବିଞ୍ଚି ମଧ୍ୟ ପାରୁଥିଲେ। ଖଟକୁ ସଜାଇବା ପାଇଁ ୨୯୦ କି.ଗ୍ରା.ର ରୁପା ବ୍ୟବହାର କରାଯାଇଥିଲା।





ସଦ୍ଦିକ ମହମ୍ମଦ ଖାଁଅବାସୀ ୪ର୍ଥ


ଗ୍ୱାଲିୟର୍ ମହାରାଜା ଜିଓ୍ୱାଜୀରାଓ ସିନ୍ଧିଆ


କ୍ରିଷ୍ଣାରାଜ ଓ୍ୱାଡିୟର୍ ୪ର୍ଥ


ନଓ୍ୱାବ ସର୍ ମହବେତ୍ ଖାଁ ରସୁଲ ଖାଁ

ଖଟରେ ଏକ ମ୍ୟୁଜିକ୍ ସିଷ୍ଟମ୍ ମଧ୍ୟ ଲଗାଯାଇଥିଲା ; ଯେଉଁଥିରୁ ନଓ୍ୱାବଙ୍କ ପ୍ରିୟ ଶାସ୍ତ୍ରୀୟ ସଙ୍ଗୀତ ବାଜୁଥିଲା । ତେବେ ଏହି ଶୟନ ଶଯ୍ୟା ନିର୍ମାଣର ବରାଦ ସଦ୍ଦିକ ବେଶ୍ ଗୁପ୍ତଭାବରେ ଦେଇଥିଲେ । ତିଆରି କାମ ସରିବା ପରେ ଏହାକୁ ସିଧାସଳଖ ମହଲକୁ ଅଣାଯାଇ ନ ଥିଲା । ପ୍ରଥମେ ଜଣେ ଏଜେଣ୍ଟଙ୍କ ପାଖକୁ ଶଯ୍ୟାଟି ଯାଇଥିଲା । ପରେ ବେଶ୍ ଗୁପ୍ତଭାବେ ତାକୁ ମହଲକୁ ପହଞ୍ଚା ଯାଇଥିଲା । ତେଣୁ କିଏ ଏହାକୁ ନିର୍ମାଣ କରାଇଥିଲେ ତାହା ଅନେକ ବର୍ଷ ପର୍ଯ୍ୟନ୍ତ ଜଣାପଡି ନ ଥିଲା । ସଦ୍ଦିକ ବିଭିନ୍ନ ଆରବିୟାନ୍ ନାଇଟ୍ସ ଗଳ୍ପ ଶୁଣି ଏଭଳି ଖଟ ନିର୍ମାଣ କରାଇବାର ଯୋଜନା କରିଥିଲେ । ସେହି ସ୍ୱତନ୍ତ୍ର ଶଯ୍ୟାଟି ତାଙ୍କର ସଦ୍ଦିକ ଗଡ ମହଲର ଫ୍ରେଞ୍ଚ ଶୟନକକ୍ଷରେ ରଖାଯାଇଥିଲା ।

**କୁକୁର ବାହାଘରରେ ୨୦ ଲକ୍ଷ ଖର୍ଚ୍ଚ କରିଥିଲେ ଜୁନାଗଡ଼ ମହାରାଜା ନଓ୍ୱାବ ସର୍ ମହବେତ୍ ଖାଁ ରସୁଲ ଖାଁ–** କୁକୁର ଏକ ବିଶ୍ୱସ୍ତ ପ୍ରାଣୀ । ସେଥିପାଇଁ ତ ମଣିଷ ତାକୁ ଘରେ ଏକ ବିଶ୍ୱସ୍ତ ବନ୍ଧୁଭାବେ ରଖିଥାଏ । କେବଳ ସାଧାରଣ ଲୋକ ନୁହନ୍ତି, ରାଜା ମହାରାଜା ବି କୁକୁରକୁ ମହଲରେ ରଖୁଥିବା ଇତିହାସ କହେ । ଜୁନାଗଡ଼ର ନଓ୍ୱାବ ତ ଶହ ଶହ କୁକୁରଙ୍କୁ ମହଲରେ ରଖିଥିଲେ । ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ କୁକୁର ରାଜକୀୟ ସୁବିଧା ସହ ରାଜକୀୟ ଠାଣିରେ ତାଙ୍କ ମହଲରେ ରହୁଥିଲେ । ତେବେ ଏହି କୁକୁର ଭିତରେ ଗୋଟିଏ କୁକୁର ଥିଲା ତାଙ୍କର ଅତି ପ୍ରିୟ । ସେ ଏହି କୁକୁରର ରାଜକୀୟ ବିବାହର ଆୟୋଜନ ମଧ୍ୟ କରିଥିଲେ । ଏହି ବିବାହ ଥିଲା କୌଣସି ରାଜକୁମାର ରାଜକୁମାରୀଙ୍କ ବିବାହ ପରି ଭବ୍ୟ । ଲକ୍ଷ ଲକ୍ଷ ଅତିଥି ଏଥିରେ ଯୋଗଦେଇଥିଲେ । ଏହି ବିବାହରେ ଖର୍ଚ୍ଚ ହୋଇଥିଲା ୨୦ ଲକ୍ଷ ଟଙ୍କା(ଯାହାର ଏବେକାର ମୂଲ୍ୟ ୨.୨୫ କୋଟି ସହ ସମାନ) । ମହବେତ୍ ଖାଁ ବିବାହ ଦିନକୁ ରାଜ୍ୟରେ ଛୁଟିଦିନଭାବେ ମଧ୍ୟ ଘୋଷଣା କରିଥିଲେ । ମହଲର ସବୁ କୁକୁରଙ୍କ ସେବା ପାଇଁ ଜଣେ ଜଣେ ଲୋକ ନିୟୋଜିତ ଥିଲେ । କୁକୁରଙ୍କ ପାଇଁ ରୁପାର ପାଲିଙ୍କି, ସୁନା ଅଳଙ୍କାର ସହ ସୁନ୍ଦର ପୋଷାକ ଥିଲା । କୁକୁରଙ୍କ ଚିକିତ୍ସା ପାଇଁ ନଓ୍ୱାବ ବ୍ରିଟିଶ ସର୍ଜନ ରଖିଥିଲେ । ତାଙ୍କ ପୋଷା କୁକୁର ମଧ୍ୟରେ କାହାର ମୃତ୍ୟୁ ହେଲେ ସେହିଦିନଟିକୁ ରାଷ୍ଟ୍ରୀୟ ଶୋକ ଦିବସଭାବେ ଘୋଷଣା କରାଯାଉଥିଲା ।

**୧୮୫ କ୍ୟାରେଟ୍ ହୀରାର ପେପର୍‌ୱେଟ୍ ବ୍ୟବହାର କରୁଥିଲେ ହାଇଦ୍ରାବାଦ ନିଜାମ ମୀର୍ ଓସ୍‌ମାନ୍ ଅଲ୍ଲୀ ଖାଁ–** ବ୍ରିଟିଶ ଶାସନାଧୀନ ସବୁଠାରୁ ବଡ ରାଜ୍ୟ ହାଇଦ୍ରାବାଦର ଶେଷ ନିଜାମ ଥିଲେ ମୀର୍ ଓସ୍‌ମାନ ଅଲ୍ଲୀ ଖାଁ । ତାଙ୍କୁ ପୃଥିବୀର ଜଣେ ଧନିକ ରାଜା ଭାବେ ଗଣନା କରାଯାଏ । ଏତେ ଧନଶାଳୀ ହୋଇଥିଲେ ହେଁ ସେ ଖୁବ୍ ସରଳ ଜୀବନ ବିତାଉଥିଲେ । ଏମିତି କି ସେ ନିଜ ସକ୍ସ ନିଜେ ବୁଣି ତିଆରି କରୁଥିଲେ । ତେବେ ତାଙ୍କର ଏକ ଦୁର୍ବଳତା ପାଇଁ ସେ ବହୁତ ପରିଚିତ ଥିଲେ । ତାଙ୍କର ଦୁର୍ବଳତା ଥିଲା ପେପର୍ ୱେଟ୍ ପାଇଁ । ତାଙ୍କୁ ପେପର୍ ୱେଟ୍ ଏତେ ପସନ୍ଦ ଥିଲା ଯେ, ସେ ଏହାକୁ ସଂଗ୍ରହ କରି ରଖୁଥିଲେ । ତେଣୁ ତାଙ୍କ ପାଖରେ ଅନେକ ପ୍ରକାରର ପେପର୍ ୱେଟ୍ ଥିଲା । ଆଉ ସେ ନିଜେ ଏକ ୧୮୫ କ୍ୟାରେଟ୍ ହୀରାର ପେପର୍‌ୱେଟ୍ ବ୍ୟବହାର କରୁଥିଲେ, ଯାହାର ଆକାର ଓଟପକ୍ଷୀର ଅଣ୍ଡା ଭଳି ଥିଲା । ଆଉ ତା'ର ମୂଲ୍ୟ ୨୦୦ ମିଲିୟନ ଡଲାର ଥିଲା । ୧୯୪୭ ମସିହା, କୁଇନ୍ ଏଲିଜାବେଥ୍ ୨ୟଙ୍କୁ ତାଙ୍କ ବିବାହ ଅବସରରେ ନିଜାମ୍ ମୀର ଓସମାନ୍ ବହୁମୂଲ୍ୟ ହୀରାର ଗହଣା ଯେଉଁଥିରେ ଏକ ଟିଆରା ଓ ହାର ସାମିଲ ଥିଲା ଉପହାରସ୍ୱରୂପ ପ୍ରଦାନ କରିଥିଲେ । ଏବେ ବି ୟୁକେର ରାଣୀ ଏହାକୁ ପିନ୍ଧନ୍ତି । ନିଜାମ ଦେଇଥିବା ସେହି ହାରଟି 'ନିଜାମ୍ ଅଫ୍ ହାଇଦ୍ରାବାଦ ନେକଲେସ୍' ନାମରେ ପରିଚିତ ।


**ମହୀଶୂର ମହାରାଜା କ୍ରିଷ୍ଣାରାଜ ଓ୍ୱାଡିୟର୍ ୪ର୍ଥଙ୍କ ରାଜପ୍ରାସାଦ ଭିତରେ ଚାଲୁଥିଲା ରୋଲ୍ସ ରୟସ୍ କାର୍–** ରାଜାଙ୍କ କଥା ଉଠିଲେ ଅୟସରେ ଜୀବନ ବିତାଉଥିବା ଜଣେ ବିଳାସୀ ମଣିଷଙ୍କ ଛବି ମନକୁ ଆସେ । ଯେ କି ନିଜେ ସୁଖସ୍ୱାଚ୍ଛନ୍ଦ୍ୟକୁ ଅଧିକ ଗୁରୁତ୍ୱ ଦିଅନ୍ତି । କିନ୍ତୁ ମହୀଶୂରର ଏହି ରାଜାଙ୍କ କଥା ଥିଲା ଭିନ୍ନ । ସେ କେବଳ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ କଥା ଭାବୁ ନ ଥିଲେ । ବରଂ ରାଜପ୍ରାସାଦରେ ଥିବା ସବୁ କର୍ମଚାରୀଙ୍କ ସୁବିଧା ଅସୁବିଧା କଥା ଭାବୁଥିଲେ । ଜାଣି ଆଶ୍ଚର୍ଯ୍ୟ ହେବେ ଏହି ରାଜା ରାଜପ୍ରାସାଦ କର୍ମଚାରୀଙ୍କ ପାଇଁ ଅନେକ କଷ୍ଟମ୍ ମେଡ୍ ରୋଲ୍ସ ରୟସ କାର୍ ରଖିଥିଲେ । କଥା କ'ଣ କି ତାଙ୍କ ରାଜ ପ୍ରାସାଦ ଥିଲା ବହୁତ ବଡ଼ । ତେଣୁ କର୍ମଚାରୀଙ୍କୁ ଗୋଟିଏ କୋଠରିରୁ ଆଉ ଏକ କୋଠରିକୁ ଯିବା ଲାଗି ଅନେକ ବାଟ ଚାଲିବାକୁ ପଡୁଥିଲା । ରୋଷେଇ ଘରୁ ଡାଇନିଂ ରୁମ୍‌କୁ ଖାଦ୍ୟ ପରଷିବା ଲାଗି ବି ଅନେକ ବାଟ ଚାଲିବାକୁ ପଡୁଥିଲା । ଫଳରେ ଅନେକ ସମୟ ବ୍ୟୟ ହେବା ସହ ସେମାନଙ୍କୁ ବହୁ କଷ୍ଟ କରିବାକୁ ପଡୁଥିଲା । ସେଥିପାଇଁ ମହାରାଜା କ୍ରିଷ୍ଣାରାଜ ମହଲ ଭିତରେ କର୍ମଚାରୀଙ୍କ ଲାଗି ରୋଲ୍ସ ରୟ କାର୍‌ର ବ୍ୟବସ୍ଥା କରିଥିଲେ । ଯେମିତି କି କର୍ମଚାରୀଙ୍କୁ ଏତେ ବାଟ ଚାଲିବାକୁ ପଡିବନି । ଆଉ ରାଜକୀୟ ଠାଣିରେ ସେମାନେ ଲକ୍‌ଜ୍ୟୁରିୟସ୍ ରୋଲ୍ସ ରୟ କାର୍‌ରେ ଯାଇ ଖାଦ୍ୟ ପରଷି ପାରିବେ । ସେଥିମଧ୍ୟରୁ ଗୋଟିଏ ରୋଲ୍ସ ରୟ କାର୍ କର୍ମଚାରୀମାନେ ରାଜାଙ୍କ ପାଖକୁ ଯାଇ ତାଙ୍କ ସେବା କରିବା ଲାଗି ମଧ୍ୟ ରଖାଯାଇଥିଲା ।

**ଟୟ ଟ୍ରେନ୍ ପ୍ରିୟ ଥିଲେ ଗ୍ୱାଲିୟର୍ ମହାରାଜା ଜିଓ୍ୱାଜୀରାଓ ସିନ୍ଧିଆ–** ପିଲାଙ୍କୁ ବହୁତ ଭଲ ଲାଗେ ଖେଳଣା ରେଳଗାଡ଼ି । ଏହାର ମାନେ ନୁହେଁ କି ବଡ଼ମାନେ ଏହାର ପ୍ରେମରେ ପଡ଼ିବେ ନାହିଁ । ଜାଣି ଆଶ୍ଚର୍ଯ୍ୟ ହେବେ ଗ୍ୱାଲିୟର୍ ମହାରାଜା ଜିଓ୍ୱାଜୀରାଓଙ୍କୁ ଖେଳଣା ରେଳଗାଡ଼ି ବହୁତ ଭଲ ଲାଗୁଥିଲା । ପ୍ରତିଦିନ ସେ ଖେଳଣା ଟ୍ରେନ୍ ସହ ଖେଳୁଥିଲେ । ତାଙ୍କ ଡାଇନିଂ ହଲ୍‌ର ବିରାଟକାୟ ଡାଇନିଂ ଟେବୁଲ୍‌ର ମଝି ଭାଗରେ ଟେବୁଲ୍‌ର ଗୋଟିଏ ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ରୁପାର ଏକ ଖେଳଣା ଟ୍ରେନ୍ ଚାଲୁଥିଲା । ଏହି ଟ୍ରେନ୍‌ଟି ରାଜଅତିଥିଙ୍କୁ ଖାଦ୍ୟ ସହ ଚଟ୍‌ନି, ମଦ ଓ ସିଗାରେଟ୍ ପରଷିବା ପାଇଁ ଉଦ୍ଦିଷ୍ଟ ଥିଲା । ମାତ୍ର ଗୋଟିଏ ସୁଇଚ୍ ଚିପିଦେଲେ ଟ୍ରେନ୍‌ଟି କାମ କରିବା ଆରମ୍ଭ କରିଦେଉଥିଲା ।


**ଉଦୟପୁର ମହାରାଣା ସଜ୍ଜନ ସିଂଙ୍କର ଥିଲା କ୍ରିଷ୍ଟାଲ୍ ସାମଗ୍ରୀର ବଡ ସଂଗ୍ରହ–** ମହାରାଣା ସଜ୍ଜନ ସିଂଙ୍କୁ କ୍ରିଷ୍ଟାଲ୍ ବହୁତ ଭଲ ଲାଗୁଥିଲା । ସେଥିପାଇଁ ବୋଧେ ପୃଥିବୀର ସବୁଠାରୁ ବଡ଼ ବ୍ୟକ୍ତିଗତ କ୍ରିଷ୍ଟାଲ ସଂଗ୍ରହ ଥିଲା ମହାରାଣା ସଜ୍ଜନ ସିଂଙ୍କର । ବର୍ମିଂହାମ୍‌ର ଏଫ୍ ଆଣ୍ଡ ସି ଓସ୍‌ଲର୍ କମ୍ପାନୀଠାରୁ ସେ କ୍ରିଷ୍ଟାଲ୍‌ର ବିଭିନ୍ନ ସାମଗ୍ରୀ ଅର୍ଡର କରୁଥିଲେ । ତାଙ୍କ ସଂଗ୍ରହ ଭିତରେ କ୍ରିଷ୍ଟାଲ୍‌ର ଚାଣ୍ଡେଲିୟର୍, ଡିନର୍ ସେଟ୍, ପରଫ୍ୟୁମ୍ ବୋତଲ, ଗ୍ଲାସ୍, ଆସବାବପତ୍ର ଆଦି ଅନ୍ତର୍ଭୁକ୍ତ ଥିଲା ।


ଭବ୍ୟ ରାଜପ୍ରାସାଦ, ବିଳାସମୟ ଜୀବନ ସହ ଅନେକ ଅଜବ ସଉକକୁ ନେଇ ଜୀବନ ବିତାଉଥିଲେ ଅନେକ ଭାରତୀୟ ରାଜା । ନା ଏବେ ଅଛି ସେହି ରାଜା ଶାସନ ନା ଦେଖିବାକୁ ମିଳୁଛି ସେହିଭଳି ସଉକ । ତେଣୁ ଏବେ ସେମାନଙ୍କ ଜୀବନୀ ଲାଗେ କାହାଣୀ ପରି ।


–ଶିବାନୀ


ଗ୍ୱାଲିୟର ମହାରାଜା ଜିଓ୍ୱାଜୀରାଓ ସିନ୍ଧିଆଙ୍କ ଟୟ ଟ୍ରେନ ଡାଇନିଂ ଟେବୁଲ


କପୁରଥାଲା ରାଜା ଜଗତଜିତ ସିଂଙ୍କ ଲୁଇସ୍ ଭିଟୋନ ଟ୍ରଙ୍କ


ପଟିଆଲା ରାଜା ଭୁପିନ୍ଦର ସିଂଙ୍କ ରୁପା ରଥ


ମହାରାଜା ଗଙ୍ଗା ସିଂ



ବହଓ୍ୱଲପୁର ନଓ୍ୱାବ ସଦ୍ଦିକ ମହମ୍ମଦ ଖାଁ ଅବାସୀ ୪ର୍ଥଙ୍କ ଶୟନ ଶଯ୍ୟା

# ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଫ୍ୟାଶନ

**ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଆଉଟ୍‌ଫିଟ୍‌ରେ ମୁଖ୍ୟତଃ ଡ୍ରେସ୍‌ଗୁଡ଼ିକର ହାତ ଡିଜାଇନ୍ କାନ୍ଧ ପାଖରୁ ପାଦ ପର୍ଯ୍ୟନ୍ତ ଓହଳିକି ରହିଲା ଭଳି ଦେଖାଯାଇଥାଏ। ଏହାକୁ ଖାଲିରେ ଦେଖିଲେ ଟିକେ ଅଜବ ଲାଗୁଥିଲେ ହେଁ ପିନ୍ଧିବାକୁ କମ୍ଫର୍ଟେବଲ୍ ହେବା ସହ ଯୁବତୀଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ...**



ଆଜିକାଲି କାହାକୁ ବା ଟ୍ରେଣ୍ଡି ଆଉ ଫ୍ୟାଶନେବଲ୍ ଦେଖାଯିବାକୁ ଇଚ୍ଛା ନୁହେଁ। ଖାସ୍ କରି ପ୍ରତି ଅକେଜନ୍‌ରେ ନିଜ ଲୁକ୍ କେମିତି ଆଟ୍ରାକ୍ଟିଭ୍ ଲାଗିବ, ସେ ନେଇ ଯୁବତୀମାନେ ବେଶ୍ ସଚେତନ ରହିଥାନ୍ତି। ଏପରିକି ସେମାନେ ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡକୁ ଆପଣେଇବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହିଁ। ତେଣୁ ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନ ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଆଉଟ୍‌ଫିଟ୍ ହଟେଷ୍ଟ ଟ୍ରେଣ୍ଡରେ ରହିଛି, ଯାହାକୁ ପିନ୍ଧି ଯୁବତୀମାନେ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ...



**ପ୍ରିଣ୍ଟେଡ୍ ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଅନାରକଲି:** ଅନାରକଲି ଡ୍ରେସ୍ ବି ଯୁବତୀଙ୍କୁ ଗର୍ଜିୟସ୍ ଲୁକ୍ ଦେଇଥାଏ। ଆଉ ଯଦି ଏହି ଡ୍ରେସ୍‌ର ସ୍ଲିଭ୍ ଫ୍ଲୋର୍ ଲେଙ୍ଗ୍ଥ ହେବା ସହ ଏଥିରେ ପ୍ରିଣ୍ଟେଡ୍ ଡିଜାଇନ୍ ହୋଇଥାଏ, ତା'ହେଲେ ତ ଏହାର ଆକର୍ଷଣ ଆହୁରି ବଢିଯାଏ। ଏହି ଡ୍ରେସ୍‌କୁ ଖାସ୍ କରି ପାର୍ଟି, ଫଙ୍କସନ୍‌ରେ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଅନାରକଲି ଚୁଡ଼ିଦାର୍ ସୁଟ୍:** ଅନାରକଲି ଡିଜାଇନ୍‌ର ଚୁଡ଼ିଦାର୍ ସୁଟ୍ ବି ଯୁବତୀଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ଆଜିକାଲି ଏହାର ଅନେକ ସୁନ୍ଦର ସୁନ୍ଦର ଡିଜାଇନ୍ ବି ମିଳିଲାଣି। ତେବେ ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଡିଜାଇନ୍‌ର ଅନାରକଲି ଚୁଡ଼ିଦାର ସୁଟ୍ ଏବେ ଲାଟେଷ୍ଟ ଟ୍ରେଣ୍ଡରେ ରହିଛି। ଏହା ସୁନ୍ଦର ଦେଖାଯିବା ସହ ପିନ୍ଧିବାକୁ କମ୍ଫର୍ଟେବଲ୍ ହେଉଥିବାରୁ ଏହାର ଚାହିଦା ମଧ୍ୟ ଭଲ ରହୁଥିବା ଦେଖିବାକୁ ମିଳୁଛି।

**ଫ୍ଲୋର୍ ଲେଙ୍ଗ୍ଥ ନେଟ୍ ସ୍ଲିଭ୍:** ଡୁପିଅନ୍ ସିଲ୍କ କପଡ଼ାରେ ତିଆରି ଲେହେଙ୍ଗାରେ ନେଟ୍ ଡିଜାଇନ୍‌ର ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ପରଫେକ୍ଟ ମ୍ୟାଚ୍ କରିବା ସହ ଲେହେଙ୍ଗାର ଲୁକ୍‌କୁ ବି ଅଧିକ ଆକର୍ଷଣୀୟ କରିଦେଇଥାଏ। ଯଦି ବାହାଘର କିମ୍ବା ଏନ୍‌ଗେଜ୍‌ମେଣ୍ଟ ସେରିମୋନିରେ ଶାଢ଼ି ବଦଳରେ ଲେହେଙ୍ଗା ଟ୍ରାଏ କରିବାକୁ ଚାହୁଁଥାନ୍ତି, ତା'ହେଲେ ଏହି ଡିଜାଇନ୍‌ର ଲେହେଙ୍ଗା ପିନ୍ଧି ବି ଯୁବତୀମାନେ ଗର୍ଜିୟସ୍ ଲୁକ୍ ପାଇପାରିବେ।

**ଫ୍ଲୋର୍ ଲେଙ୍ଗ୍ଥ ଟାସେଲ୍ ସ୍ଲିଭ ଲେହେଙ୍ଗା:** ଟାସେଲ୍ ଡିଜାଇନ ହୋଇଥିବା ଏହି ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ ବାଲା ଲେହେଙ୍ଗା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ ପିନ୍ଧିଲେ ସେମିତି ଗର୍ଜିୟସ ଲୁକ୍ ଦେଇଥାଏ। ଏହାକୁ ନିର୍ବନ୍ଧ, ବାହାଘର ଆଦି ଫଙ୍କସନ୍‌ରେ ପିନ୍ଧିଲେ ଲୁକ୍ ଅଧିକ ଆଟ୍ରାକ୍ଟିଭ୍ ଲାଗିଥାଏ। ଆଉ ଯଦି ଏହି ଲେହେଙ୍ଗା ଓ ଏହାର ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭରେ ପର୍ଲ ଅବା ବିଡ୍‌ସର କିଛି କାମ ହୋଇଥାଏ, ତା'ହେଲେ ତ ଲେହେଙ୍ଗାର ଡିଜାଇନ ଆହୁରି ସୁନ୍ଦର ଦେଖାଯାଇଥାଏ।

**ଗୋଲ୍ଡ ଫ୍ଲୋରାଲ୍ ଏମ୍ବ୍ରୋଏଡୋରି ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଲେହେଙ୍ଗା:** ସୁନେଲି ରଙ୍ଗର ସୂତାରେ ଫୁଲ ଡିଜାଇନ୍‌ର ଏମ୍ବ୍ରୋଏଡୋରି କାମ ହୋଇଥିବା ଲେହେଙ୍ଗା ବି ଆକର୍ଷଣୀୟ ଦେଖାଯାଇଥାଏ। ଆଉ ଯଦି ଏହି ଲେହେଙ୍ଗାରେ ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ରହିଥାଏ, ତା'ହେଲେ ତ ଏହାର ଆକର୍ଷଣ ଆହୁରି ବଢ଼ିଯାଏ। ଖାସ୍ କରି ଏହି ଡିଜାଇନ୍ ହୋଇଥିବା ପେଷ୍ଟଲ୍ ପିଙ୍କ୍ କଲର୍‌ର ଲେହେଙ୍ଗା ଯୁବତୀଙ୍କୁ ଗର୍ଜିୟସ୍ ଲୁକ୍ ଦେଇଥାଏ।

**ଟ୍ୟୁବ୍ ବ୍ଲାଉଜ୍ ଉଇଥ୍ ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଲେହେଙ୍ଗା:** ଲେହେଙ୍ଗା ତ ସବୁବେଳେ ଯୁବତୀଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ତେବେ ଆଜିକାଲି ଏମିତି କିଛି ଲେହେଙ୍ଗା ବି ଆସିଲାଣି, ଯାହାର ବ୍ଲାଉଜ୍ ଟ୍ୟୁବ୍ ଡିଜାଇନ୍‌ର ହେବା ସହ ଏଥିରେ ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ବି ଲାଗିକି ରହୁଛି। ପାର୍ଟି, ଫଙ୍କସନ୍‌ରେ ଅଲଟ୍ରାମଡର୍ନ ଲୁକ୍ ଚାହୁଁଥିବା ଯୁବତୀମାନଙ୍କ ପାଇଁ ଏହି ଟାଇପ୍‌ର ଲେହେଙ୍ଗା ପରଫେକ୍ଟ ହୋଇପାରିବ।

ତେବେ କେବଳ ଏତିକି ନୁହେଁ ଫ୍ଲୋର୍ ଲେଙ୍ଗ୍ଥ ସ୍ଲିଭ୍ ଡିଜାଇନ୍‌ର ଆହୁରି ଅନେକ ସୁନ୍ଦର ସୁନ୍ଦର ଲେହେଙ୍ଗା ହେଉ ଅବା ଅନାରକଲି ତଥା ଚୁଡ଼ିଦାର୍ ସୁଟ୍ ବି ମାର୍କେଟ୍‌ରେ ମିଳିଲାଣି। କିନ୍ତୁ ଏସବୁକୁ କିଣିବା ପୂର୍ବରୁ ନିଜ ଲୁକ୍‌କୁ ଏହା କେତେଦୂର ମ୍ୟାଚ୍ କରୁଛି, ତାହାକୁ ଭଲରେ ପରଖି ସାରିବା ପରେ ଯାଇ ଏହି ଡିଜାଇନ୍‌ର ଡ୍ରେସ୍ କିଣିବା ଦରକାର।







# ଅନେକରେ ଏକ ଅଶ୍ରୁମୋଚନ

**ସେ**ଇ ଶୀତସକାଳ। ସେଇ ସୋରିଷ ଫୁଲ। ସେଇ ଆମ୍ବବଉଳ। ସେଇ ବରଓହଳ। ସେଇ ଝିପିଝିପି ବର୍ଷା। ସେଇ କାଦୁଅର ରାସ୍ତା। ଧାନଭରା କିଆରି, କଇଁଭରା ପୋଖରୀ। ଡାକେ ଆଜି ହାତଠାରି, ଚାଲ ଗାଁକୁ ଯିବା ଫେରି। ଏବେ ଗାଁକୁ ଫେରିବାର ସମୟ ଆସିଛି, ନମସ୍କାର ଜଣାଉଛି ଆପଣଙ୍କୁ...। ପୁଣି ଗାୟତ୍ରୀ- ନା ସେ ମନ୍ତ୍ର! ନା ସେ ତନ୍ତ୍ର! ସାମାନ୍ୟ ଗୋଟେ ନାଁ! ସେ ପୁଣି ଚ୍ୟାଲେଞ୍ଜ କରିବ, ଶକ୍ତି ସାସମଲକୁ! ହାଃ ସ୍..ସ୍..। ଏମିତି ଅନେକ ସଂଳାପକୁ ସେ ଫୁଟାଇଛନ୍ତି ତାଙ୍କ ତୁଣ୍ଡରେ। ତାଙ୍କର ନିଖୁଣ ଅଭିନୟ ହିଁ ଦର୍ଶକଙ୍କ ମନରେ ନିଆରା ଭାବ ସୃଷ୍ଟି କରିଥାଏ। ଏଥିପାଇଁ ସମସ୍ତଙ୍କ ମନକୁ ସେ ଜିଣି ପାରିଥାନ୍ତି। ବିଶେଷକରି ଜଣେ ନିରଳସ, ସାଦାସିଧା ଗାଉଁଲି ମଣିଷଙ୍କ ଅଭିନୟକୁ ସେ ଜୀବନ୍ତ କରିବାର କଳାକୌଶଳରେ ସ୍ୱୟଂସିଦ୍ଧ। ଥିଏଟର, ଯାତ୍ରା, ରେଡିଓ, ଟିଭି ଓ ସିନେମା ଆଦିରେ ଆୟୋଜିତ ବିଭିନ୍ନ ଲୋକକଳା କ୍ଷେତ୍ରରେ ତାଙ୍କ ଅଭିନୟର ସ୍ୱତନ୍ତ୍ରତା ବେଶ୍ ବାରି ହୋଇପଡ଼େ। କେବେ ମାଗୁଣିର ଶଗଡ଼ ହେଉ କି ଡାକମୁନ୍‌ସୀ ଅବା ଛ'ମାଣ ଆଠଗୁଣ୍ଠ ପରି ବିଭିନ୍ନ ଗଳ୍ପ, ଉପନ୍ୟାସରେ ତାଙ୍କ ଅଭିନୟର ପରାକାଷ୍ଠା ଦେଖିବାକୁ ମିଳେ। ଏପରି କି ଏକ ଟିଭି ପ୍ରାୟୋଜିତ 'ଛୋଟମୋର ଗାଁ'ଟି କାର୍ଯ୍ୟକ୍ରମରେ ବିଭିନ୍ନ ଗାଁକୁ ଘୂରି ବୁଲିବା ବେଳେ ଗାଁ ମାଟିର ପାରିପାର୍ଶ୍ୱିକ ଘଟଣାର ନିଚ୍ଛକ କଥାକୁ ବଖାଣି, ହସହସ ମୁହଁରେ ଆବେଗର ଭାବଭଙ୍ଗୀକୁ ଦେଖାଇ ସଂଳାପ ଉଚ୍ଚାରଣରେ ସଭିଙ୍କୁ ଆପଣେଇବାର ଭାବ ସୃଷ୍ଟି କରିଥାନ୍ତି। ଯେମିତି କି ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଅସାଧାରଣ ବ୍ୟକ୍ତିଙ୍କ ମନରେ ତାଙ୍କର ବଳିଷ୍ଠ ଅଭିନୟ ଓ ସଂଳାପ ବେଶ୍ ହୃଦୟକୁ ଛୁଇଁ ପାରିଥାଏ। ଏଥିପାଇଁ ଓଡ଼ିଶାର ପୁରପଲ୍ଲୀରେ ସେ ଅତି ପରିଚିତ।

ସେ ହେଲେ- ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ସଫଳ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି। ପିତା- ରାସବିହାରୀ ମହାନ୍ତି, ମା'- ସୌଦାମିନୀ ମହାନ୍ତି। ଘର କେନ୍ଦୁଝର ଜିଲାର ଆନନ୍ଦପୁର ଅନ୍ତର୍ଗତ ଓରାଳି ଗାଁରେ। ସେ କୁହନ୍ତି, ଏକ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରରେ ୧୯୫୯ମସିହା ଏପ୍ରିଲ ୨ତାରିଖରେ ମୋର ଜନ୍ମ। ମୋ (ବାପା) ରାସବିହାରୀ ମହାନ୍ତିଙ୍କୁ ସାନବାପା ଓ ବଡ଼ବାପା କୀର୍ତ୍ତନ ବିହାରୀ ମହାନ୍ତିଙ୍କୁ ବାପା ବୋଲି ଡାକୁଥିଲି। ଉଭୟ ଥିଲେ ସ୍ୱାଧୀନତା ସଂଗ୍ରାମୀ। ବାପା ଆମ ଅଞ୍ଚଳର ଲୋକପ୍ରତିନିଧିଭାବେ ଆମ ଗାଁର ସରପଞ୍ଚ ଥିଲେ। ମୋର ମନେପଡୁଛି ଆମ ଗାଁ ସ୍କୁଲରେ ୪ର୍ଥରେ ପଢୁଥାଏ, ଗଣେଶ ପୂଜାରେ ଶ୍ରୀଗଣେଶ ଗୀତିନାଟ୍ୟରେ ବିଷ୍ଣୁଙ୍କ ଚରିତ୍ରରେ ଅଭିନୟ କରିଥିଲି। ଦଣ୍ଡନାଚ, ଗୋଟିପୁଅ ନୃତ୍ୟରେ ବି ଭାଗନେଇଛି । କିନ୍ତୁ ୮ମରୁ ୧୦ମ ଯାଏ ମୋର ପଢ଼ା ଖଡ଼ଗପୁରରେ ହୋଇଥିଲା। ପରେ ସେଠାରୁ ଫେରି ଆନନ୍ଦପୁର କଲେଜରେ ସାଇନ୍ସ ପଢ଼ିଲି। କଲେଜ ଡ୍ରାମାରେ ବି ଅଭିନୟ କଲି। ହଁ ପ୍ରତିବର୍ଷ ସରସ୍ୱତୀ ପୂଜାକୁ ଆମଘରେ ଆମ ପରିବାରର ଭାଇ ଓ ଅନ୍ୟମାନଙ୍କୁ ନେଇ ଏକ ନାଟକ ମଞ୍ଚସ୍ଥ ହୁଏ। ଏଥିରେ ବାପା ନିର୍ଦ୍ଦେଶନା ଦେଉଥିଲେ। କଲେଜ ପଢ଼ା ସାରି ଏୟାର ଫୋର୍ସରେ ନିଯୁକ୍ତି ପାଇଁ ଇଣ୍ଟରଭ୍ୟୁ ଦେବାକୁ ଭୁବନେଶ୍ୱର ଆସିଥିଲି, ମାତ୍ର ମୋର ଜଣେ ସାଙ୍ଗ ପୂର୍ଣ୍ଣେନ୍ଦୁଙ୍କ ସହିତ ଦେଖା ହେବାରୁ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ପଢିବା ପାଇଁ ଇଚ୍ଛାକଲି। ଯୋଗକୁ ସେଦିନ ସେହି ମହାବିଦ୍ୟାଳୟରେ ପରୀକ୍ଷା ହେଉଥିଲା, ବାସ୍ ଏଠାରେ ନାଁ ଲେଖିଲି। ନାଟକ ଅଭିନୟ ପାଇଁ ପଢିଲି। ତେବେ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ପଢିବାବେଳେ ଷ୍ଟାଇପେଣ୍ଡ ବାବଦକୁ ୬୦ଟଙ୍କା ମିଳୁଥିଲା। ପୁଣି ଟ୍ୟୁଶନରୁ ପ୍ରାୟ ୨୦୦ଟଙ୍କା ଆୟ କରି ନିଜର ଖର୍ଚ୍ଚ ଉଠାଉଥିଲି। ଏଥିରେ ସକାଳେ ଜଳଖିଆ ପାଇଁ ଚୁଡ଼ା, ଛତୁଆ କିଣୁ ଥିଲି। କିନ୍ତୁ ସିନେମା ଦେଖା ପାଇଁ ଟ୍ୟୁଶନରୁ ମିଳୁଥିବା ଟଙ୍କା ଖର୍ଚ୍ଚ ହେଉଥିଲା। ମାତ୍ର ପଇସା ଅଭାବରୁ ଶ୍ରୀବସ୍ତ ନାମକ ଜଣେ ବଡ଼ଭାଇଙ୍କ ହଳଦୀ ଫ୍ୟାକ୍ଟ୍ରୀରେ ପ୍ରତିଦିନ ରାତିରେ ୩/୪ଘଣ୍ଟା ହଳଦୀ ପ୍ୟାକିଂ କରି ଯାହାକିଛି ରୋଜଗାର ହେଲା ସେଥିରୁ କିଛି ସଞ୍ଚୟକରି ଗୋଟେ ସାଇକେଲ କିଣିଥିଲି। ଏଥିରେ ବିଭିନ୍ନ ସ୍ଥାନକୁ ଯିବାପାଇଁ ସୁବିଧା ହେଲା। ସଂଗୀତ ମହାବିଦ୍ୟାଳୟରେ ଏକ କୋର୍ସ ; ଯାହାର ନାଁ ଥିଲା ଅବଜରଭେଶନ, ଯାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଫଳାଫଳ ସ୍ୱରୂପ ମୋତେ ଆଜି ସଫଳତା ମିଳିଛି। ଏମିତିରେ ନାଟକ ଅଭିନୟରେ ପିଜି ବି ସରିଲା। ସମୟକ୍ରମେ ପ୍ରଥମେ ବାବାଜୀ ନାଟକ, ଯୁଗଜ୍ୟୋତି, ଅରୁଣ ରଙ୍ଗର ପକ୍ଷୀ, କୁହୁଡ଼ି, ବାଞ୍ଛା ବଗିଚା, ମେଣ୍ଟା, ଜୀବନ୍ୟାସ, ଲଛମା, ଛ'ମାଣ ଆଠଗୁଣ୍ଠ, ରେବତୀ, କ୍ରୀତଦାସ, ଅନଶନ ସମେତ ପ୍ରାୟ ୫୦ଟି ନାଟକରେ ଅଭିନୟ କରିପାରିଛି। ସେହିପରି 'ଭଙ୍ଗା ଆଇନା' ଆଦି ପ୍ରାୟ ୯୦ଟି ଯାତ୍ରା ନାଟକରେ ନିର୍ଦ୍ଦେଶନା ଦେଇଛି। ପ୍ରାୟ ୨୫ଟି ରେଡିଓ ନାଟକରେ ଭାଗନେଇଛି। ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଥମେ "କୁରୁକ୍ଷେତ୍ର, ଚକାଆଖି ସବୁଦେଖୁଛି, ପୁଅ ମୋର କଳାଠାକୁର, ସାଗର, ସାଗରଗଙ୍ଗା, ସୁରଦାସ, କାଶିଆ କପିଳା, ପାଚେରି ଉଠିଲା ମଝି ଦୁଆରୁ, ସିଂହ ବାହିନୀ, କେମିତି ଏ ବନ୍ଧନ, ଫେରିଆ ମୋ ସୁନାଭଉଣୀ, ଆ ଜହ୍ନରେ ଲେଖିବା ନାଁ, ଆଶା, ପାପ, ଉଦଣ୍ଡୀ ସୀତା, ସ୍ତ୍ରୀ , ଆସୁଛି ମୋ କାଳିଆ ସୁନା, ନାଗ ପଞ୍ଚମୀ, ତୋର ମୋର କଥାହେବା ଚୁପ୍‌ଚାପ, ମତେ ବୋହୂକରି ନେଇ ଯା, ତୁମେ ହିଁ ସାଥୀ ମୋର" ସମେତ ପ୍ରାୟ ଶତାଧିକ ସିନେମାରେ ଅଭିନୟ କରିସାରିଛି। ସେହିପରି ଭାବେ "ବାବାଜୀ, ଅଗଷ୍ଟ୯, କୁହୁଡ଼ି, ଗାୟତ୍ରୀ, ଆହୁତି, ଗଙ୍ଗା ଯମୁନା ସରସ୍ୱତୀ, ବୋହୂ ଆମର ଏନଆରଆଇ, ଅହି ସୁଲକ୍ଷଣୀ, ସୌଭାଗ୍ୟବତୀ, ମୁଁର ମୂର୍ଚ୍ଛନା, ଦୂରଦିଗନ୍ତ, ମୁକ୍ତି ମଶାଲ, ଢୋଲ" ଆଦି ପ୍ରାୟ ୧୫ଟି ଟିଭି ଧାରାବାହିକରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିସାରିଛି। ଶର୍ଟ ଫିଲ୍ମ ଭାବେ- ମାୟାର ସଂସାର, ଜନ୍ମ, ଲୋଭ, ଡାକମୁନ୍‌ସୀ, ମାଗୁଣୀର ଶଗଡ଼, ରେବତୀ, ଛ'ମାଣ ଆଠଗୁଣ୍ଠ, ଲଛମା ଆଦି ଅନେକ ଗଳ୍ପ ଓ ଉପନ୍ୟାସରେ ଅଭିନୟ କରି ଭିନ୍ନ ପ୍ରତିଭାର ପରିଚୟ ସୃଷ୍ଟି କରିପାରିଛି। ଏପରି କି କେତେକ ସଂଗୀତ ରୂପକ ଆଲବମ୍ ଓ ୟୁଟ୍ୟୁବ ଚ୍ୟାନେଲ ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ଅଭିନୟ କରିପାରିଛି। ଏଥି ସହିତ ପ୍ରଫୁଲ ମହାନ୍ତିଙ୍କ ସାନ୍ତାଳ ସିନେମା 'ମହୁଲ ଗଛର ଛାଇ' , ଅର୍ପଣ୍ଣାସେନଙ୍କ ବଙ୍ଗଳା ସିନେମା 'ଯୁଗାନ୍ତର' ଏବଂ ଅରୁଣ ପାଣ୍ଡିୟାନଙ୍କ ତାମିଲ ସିନେମା 'ଦେବନ୍'ରେ ମଧ୍ୟ ଅଭିନୟ କରିଛି। ସ୍କୁଲ ବୟସରେ ଅଭିନୟ କରିବାକୁ ଯେତେବେଳେ ଇଚ୍ଛା କରୁଥିଲି ସେତେବେଳେ ପରିବାର ପକ୍ଷରୁ ପ୍ରତିବନ୍ଧକ ଥିଲା। ବିଶେଷକରି ବାପାଙ୍କ ଅନିଚ୍ଛା ଥିଲା। ତଥାପି ଘରଲୋକଙ୍କ କଥା ନ ମାନି ଅଭିନୟ କରିବାକୁ ବାହାରିଥିଲି। ଦିନେ ଆକାଶବାଣୀରେ 'ବିର୍ସା ମୁଣ୍ଡା' ନାଟକ ହୋଇଥିଲା ; ଯାହା ରେଡିଓରେ ବାଜିଥିଲା। ସେଥିରେ ମୁଖ୍ୟଚରିତ୍ର ବିର୍ସାମୁଣ୍ଡାରେ ମୁଁ ଅଭିନୟ କରିଥିଲି। ଏଥିରେ ବେଶ୍ ପ୍ରଶଂସିତ ହୋଇଥିଲି। ପରଦିନ ସକାଳେ ବାପାଙ୍କ କେତେଜଣ ବନ୍ଧୁ ମୋ ଅଭିନୟ ବିଷୟରେ ଖୁବ୍ ପ୍ରଶଂସା କରିଥିଲେ। ସେତେବେଳେ ମୁଁ ଲୁଚିଲୁଚି ବାପାଙ୍କ ଖୁସୀ ଦେଖିଥିଲି ; ଯାହା ମୋ ଜୀବନର ନିଆରା ଅନୁଭୂତି। ଥିଏଟର ସହିତ ଜଡ଼ିତ ଅଛି ଅଭିନୟ କ୍ଷେତ୍ରରେ ପାରଙ୍ଗମ ପାଇଁ। **ଅଭିନୟରେ ଏହି ତିନୋଟି ମୌଳିକ ଶିକ୍ଷାମିଳେ- କେଉଁଠି ଅଛୁ, କାହିଁକି ଅଛୁ, ଏବଂ କ'ଣ କରିବାକୁ ପଡ଼ିବ**। ଏହି ଉପାଦାନଗୁଡ଼ିକ ଥିଏଟରରୁ ଶିଖିବାକୁ ମିଳେ। ନାଟ୍ୟ ଅନୁଷ୍ଠାନ ଶତାବ୍ଦୀର କଳାକାରରେ ଯୋଗଦେଇ ଅଭିନୟ କରିଛି। ମାତ୍ର ପୂର୍ବପରି ଏତେ ମାତ୍ରାରେ ନୁହେଁ। ପାଠପଢିବା ବେଳେ ସଂଳାପକୁ ବେଶି ଗୁରୁତ୍ୱ ଦେଉଥିଲି। ଶବ୍ଦର ବ୍ୟବହାରକୁ ଜୋରକରି ପାଟିରେ ଅଭ୍ୟାସ କରିବାକୁ ପଡୁଥିଲା। ଏକ ପ୍ରାୟୋଜିତ ଟିଭି କାର୍ଯ୍ୟକ୍ରମ 'ଛୋଟ ମୋର ଗାଁଟି' ମାଧ୍ୟମରେ ଗାଁ ଗାଁ ବୁଲି ଲୋକଙ୍କ ସହ ମିଶି ଭାବର ଆଦାନ ପ୍ରଦାନ କରିବା ଯୋଗୁ ଲୋକଙ୍କ ପ୍ରିୟପାତ୍ର ହୋଇପାରିଛି। ଏହାଠାରୁ ବଡ଼ ମୋ ପାଇଁ ଆଉ କ'ଣ ହୋଇପାରେ। ଗାଁରୁ ସହର ସବୁଲୋକ ଏବଂ ପରିବେଶ ସହିତ ମିଶିବାକୁ ବେଶ୍ ଭଲପାଏ। ଅଭିନୟ କ୍ଷେତ୍ରରେ ବିଶେଷକରି ଆଦର୍ଶଭାବେ ଦୁଃଖୀରାମ ସ୍ୱାଇଁ, ହେମନ୍ତ ଦାସ, ବିଜୟ ମହାନ୍ତି, ଅଜିତ୍ ଦାସ ଓ ଧୀର ମଲ୍ଲିକ ପ୍ରମୁଖ ଅନେକ ଗୁରୁଜନଙ୍କୁ ମୋର ଆନ୍ତରିକତା ରହିଛି। ନୀଳଶୈଳ, ଚଳଚ୍ଚିତ୍ର ଜଗତ, ବିନ୍ଦୁ ବଳୟ, ଗାଁ ଲୋକକଳା ଉତ୍ସବ, ସିନେ ସାମ୍ବାଦିକ ସଂଘ ସମେତ ଶତାଧିକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ପୁରସ୍କୃତ ହୋଇଛି। ମୁକ୍ତି ମଶାଲ ଚଳଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତା। ଏମିତି ବି ପ୍ରେମ ହୁଏ ଚଳଚ୍ଚିତ୍ର ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। କାଶିଆ କପିଳା ପାଇଁ ମଧ୍ୟ ସମ୍ମାନିତ ହୋଇଛି। ଏମିତି ଶତାଧିକ ସମ୍ମାନ ଓ ପୁରସ୍କାର ମିଳିଛି। ମୋ ପରିବାର କହିଲେ ଅନ୍ୟମାନଙ୍କ ମଧ୍ୟରେ ଆମେ ତିନିଭାଇ, ଗୋଟିଏ ଭଉଣୀ ଏବଂ ବଡ଼ବାପାଙ୍କ ଦୁଇ ପୁଅ ପୁଣି ଏକ ଭଉଣୀ ଏଥିସହିତ ମୋ ଝିଅ ଆଶ୍ରିତା, ପୁଅ ଆଶୀର୍ବାଦ ଓ ପତ୍ନୀ ନୟନାଙ୍କୁ ନେଇ ମୋ ଘର ସଂସାର। ଏକଥା ସତ ଯେ ଯଦି ଅଭିନେତା ନ ହୋଇଥାନ୍ତି ତେବେ ବାପା, ବଡ଼ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୈନ୍ୟବାହିନୀରେ ଯୋଗଦେଇଥାନ୍ତି।

-ବନବିହାରୀ ବେହେରା





# ପାଦଚିହ୍ନ

-କାମଦେବ ମହାରଣା

ଭୁଲିଗଲେଣି ପାଦମାନେ
ଫେରିଥିବା ରାସ୍ତାର ଠିକଣା ।

ରାସ୍ତା ବି ଭୁଲି ଗଲାଣି
ଦିନେ ଗୋଟେ ଗଛଥିଲା
ଗଛରେ ଚଢେଇ
ନାଚ ଗୀତ ଗମାତର
ସେଇସବୁ ମଧୁଝରା ଦିନ
ଗଛବି ଭୁଲି ଗଲାଣି
ବର୍ଷା ଖରା ଶୀତର ପ୍ରକୋପ ।

ରାସ୍ତାରେ ଯାଇଥିବା ଲୋକ
ଭୁଲିଗଲାଣି ଆସିବାର କାରଣ
ପବନର ଛାତି ଚିରି ଉଡିଥିବା ଗୁଡି
ଚାଲି ଗଲାଣି ଫିଙ୍ଗି ଦେଇ ବନ୍ଧନ
ଶବ୍ଦ ଉପରେ ଶବ୍ଦ ସବୁ
ଲାଉ ହୋଇ ଚାଲନ୍ତି ରାସ୍ତାରେ
ଧୂଳି ଆଡେଇ ବାହାରି ଆସେ
ଏକ ପାଦ ଚିହ୍ନ ।

ଏ ପାଦ ହିଁ କେବଳ ଭୁଲେନା
ରାସ୍ତା କୁ,ନିଜ ଚିହ୍ନକୁ ।

*-ଯାନ୍ତ୍ରିକ ବିଭାଗ, ପୂର୍ବତଟ ରେଳପଥ*
*ପୁରୀ -୨, ମୋ:୯୬୫୮୦୨୬୬୧୨*



# ଭାଗ

-ଛନ୍ଦା ମିଶ୍ର

ଚାଲ...
ଆଜି ଭାଗ ବାଣ୍ଟି ନେବା
ନିଜ ନିଜର କ୍ଷେତ ବାଡ଼ି
ତୁ ନେବୁ ତୋର
ମୁଁ ନେବି ମୋର

ଦିନେ ତୁ କହିଥିଲୁ ନା
'ଅନ୍ୟାୟ ସହିପାରେନି' ବୋଲି
ତା'ହେଲେ..
ଏଇ କ'ଣ ତୋର ନ୍ୟାୟପଣିଆ !
କାହିଁକି ଆଜି
ମୋ ଆଖିରେ ଲୁହ ? ମୋ ଛାତିରେ କୋହ ?
ଆଉ ତୋ ଜୀବନେ
ତାରା ଭରା ଜହ୍ନରାତି...

ଠିକ୍ ଅଛି
ଯେତେବେଳେ
ଭାଗ ବଣ୍ଟା କରିବାକୁ
ଅଣ୍ଟା ଭିଡ଼ିଛେ
ଡାକି ଆଣିବୁ ସାକ୍ଷୀମାନଙ୍କୁ...

କଲେଜ ଛକର ସେଇ ଅଶ୍ୱତ୍ଥ ଗଛ,
ଇଲେକ୍ଟ୍ରି ତାରରେ ବସୁଥିବା ସେଇ ବଣି ଦିଓଟି,
ଆମ ଚାରି ପାଖେ ଝୁଲି ଝୁଲି ହସୁଥିବା ସେଇ ଘାସ
ଫୁଲମାନଙ୍କୁ... ଓ
ତୋର ସେଇ ନୀଳ ଓଢ଼ଣିଟିକୁ
ଯାହା ବାରମ୍ବାର ମୋ ଶାର୍ଟର ବୋତାମକୁ
ଭିଡିଧରେ...
କ'ଣ ପାରିବୁ ତ....

*-୩ ଆର/୬ ବିଜେବି ନଗର*
*ମୋ:୯୪୩୭୪୫୩୬୧୦*

# ନଦୀ, ନିର୍ଜନତା ଓ କିଛି ଗୋଲାପ


-ଲକ୍ଷ୍ମଣ କୁମାର

ଏମିତି ହିଁ ଥିଲା ସେ ମହୁଝରା ମୁହୂର୍ତ୍ତ ସବୁ... । ଯେତେବେଳେ ମହମ ପରି ତରଳୁ ଥିଲା ହୃଦୟର ରାସ୍ତା । ମୁଁ ତାର ନାଆଁ ଧରି ଡାକୁଥିଲି ତ ସେ ଡାକ ଖୋଲିଦେଉଥିଲା ପ୍ରସ୍ତପ୍ରସ୍ତ ତାର ଫୁଲର କବାଟ ।
କ'ଣ କରୁଚ ? ମୁଁ ପଚାରୁଥିଲି । ଶୁଣୁଚି । ସେ ଉତ୍ତର ଦେଉଥିଲା ।
ଅତ୍ୟନ୍ତ କୋମଳ ତାର ମନଜିଣା ସ୍ୱର ।
କ'ଣ ଶୁଣୁଚ ? ମୁଁ ପଚାରୁଥିଲି ।
ଗୋଟେ ଧୁନ୍ ମୁଁ ଶୁଣୁଚି । ତୁମ ନିଃଶ୍ୱାସର ଧୁନ୍ । ସେ କହୁଥିଲା ।
କ'ଣ ଅଛି ସେ ଧୁନ୍‌ରେ ?
କ'ଣ ଅଛି ସେ ଧୁନ୍‌ରେ ତ କହିପାରିବିନି- କିନ୍ତୁ ସେ ଧୁନ୍ ଯୋଡୁଚି ସ୍ୱର୍ଗ ଆଉ ମର୍ତ୍ତ୍ୟକୁ ଗୋଟିଏ ବିନ୍ଦୁରେ ।
ମୁଁ ବିସ୍ମିତ ହେଉଥିଲି ତା'ର ଉତ୍ତରରେ ।
ଆଜିର ଜହ୍ନ କ୍ରାଇଷ୍ଟାଲ କ୍ରେସ୍‌କେଣ୍ଟ । ସେଦିନ ସେ କହିଲା । ସେତେବେଳେ ସେ ମୋଠୁ ଥିଲା ଅନେକ ଦୂରରେ ।
ଜହ୍ନ ପାଖେ ପାଖେ ଗୋଟେ ତାରା ଅଛି ଦେଖ ।
ହଁ... ତ... ଉଜ୍ଜ୍ୱଳ ତାରାଟେ ।
ସେ ତାରାଟି ତୁମେ ଆଉ ସେ ଜହ୍ନଟି ମୁଁ । ଏତକ ଉଚ୍ଚାରଣ କରିଛି କି ନାଇଁ ହଠାତ୍ ଦେଖିଲି ଆକାଶରୁ ଝରିପଡୁଚି ଲକ୍ଷନିୟୁତ ଗୋଲାପ ପାଖୁଡା ।
ମୋତେ ଆଶ୍ଚର୍ଯ୍ୟ କରିଦେଇ କହିଲା, ଜାଣିଚ ଏଠି ଗୋଲାପ ବର୍ଷା ହେଉଚି ଏବେ ।
ଏଠି ବି ଗୋଲାପ ବର୍ଷୁଚି । ମୁଁ ତାକୁ ଜଣେଇଦେଲି ।
ଗୋଲାପ ବର୍ଷାରେ ଭିଜୁଥିଲୁ ଆମେ ଦୁହେଁ । ଭିଜୁଥିଲା ସାରା ରାସ୍ତା । ଦୋକାନ ବଜାର, ତା' ସହର ମୋ ସହର ଓ ସାରା ଉପତ୍ୟକା ।
ଗୋଲାପ ଫୁଲର ପାଖୁଡାରେ ଆମେ ଗୋଟେ ଘର କରିବା । ସେ ପ୍ରସ୍ତାବ ଦେଲା । ବିୟୁଟିଫୁଲ । ମୁଁ କହିଲି ।
ସେ ଘରର ଝର୍କା, କବାଟ, କାନ୍ଥ, ଛାତ ଏମିତିକି ସବୁ ଆସବାବପତ୍ର, ଥିବ ଗୋଲାପ ପାଖୁଡାରେ ତିଆରି ।
ସେ ଘରର ନାଆଁ କ'ଣ ରଖିବା ? ସେ ପଚାରିଲା ।
ରୋଜ୍ ରେଭେନ । ମୁଁ କହିଲି । ମାନେ ଗୋଲାପ ସ୍ୱର୍ଗ ।

ଏମିତି ଥିଲା ରୋଜ ଭେଭେନର ପରିକଳ୍ପନା ।
ଆଜି ମୋ ଚାରିକଡେ କେତେ ନିର୍ଜନତା । ପବନରେ ପତ୍ରଝରାର ମର୍ମର । ତଥାପି କେବେ କେମିତି ଗୋଲାପ ବର୍ଷା ହୁଏ ଆମ ଦୁହିଁଙ୍କ ଉପରେ । ଆମ ଭିତରେ କେତେ ଯେ ବ୍ୟବଧାନ ଓ କେତେ ଶୂନ୍ୟସ୍ଥାନ ।
କିଛି ଗୋଲାପ ତା' ଆଖିର ବର୍ଷାରେ ଓଦାହୁଏ । କିନ୍ତୁ ଗୋଲାପ ମୋ ଛାତିର ଲଘୁଚାପରେ ବତୁରିଯାଏ । ଆଉ ଅବଶିଷ୍ଟ ଗୋଲାପ ଭାସିଯାଏ ଆମ ଦୁହିଁଙ୍କ ସ୍ୱପ୍ନ ନଦୀରେ ।

*-ଦିଗବଳୟ, ଲେଣ୍ଡା, ବରପାଲି, ବରଗଡ*
*ମୋ:୯୪୩୭୪୭୪୨୫୯*





ଦିଶା

# ଘାରିଛି ସେଲ୍ଫି ନିଶା

ଦିଶା ପଟାନିଙ୍କ ଗୋଡ଼ ଏବେ ତଳେ ଲାଗୁନି। କେମିତି ବା ଲାଗିବ କହୁନାହାନ୍ତି ? ପ୍ରଭୁଦେବାଙ୍କ ନିର୍ଦ୍ଦେଶିତ 'ରାଧେ : ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ସେ ଅଭିନୟ କରୁଛନ୍ତି। ପୁଣି ଏହି ଫିଲ୍ମଟି ତାଙ୍କର କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି କହିବୁଲୁଛନ୍ତି ଏହି ଅଭିନେତ୍ରୀ। ଏବେ ତାଙ୍କୁ ସେଲ୍ଫି ନିଶା ଘାରିଛି। କେବଳ ନିଜର ସାଙ୍ଗ ନୁହନ୍ତି, କୋ-ଆର୍ଟିଷ୍ଟଙ୍କ ସହ ସେଲ୍ଫି ନେଉଛନ୍ତି। ତା'ସହ ସେଗୁଡ଼ିକ ମଧ୍ୟରୁ ସିଲେକ୍ଟେଡ ସେଲ୍ଫିଗୁଡ଼ିକୁ ସେ ନିଜର ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏ ସମ୍ପର୍କରେ ଦିଶା କହନ୍ତି, ''ସେଲ୍ଫି ନେବା ମୋର ଏକ ହବି କହିପାରନ୍ତି। କାରଣ ଏ ପର୍ଯ୍ୟନ୍ତ ମୁଁ ଯେତେ ସେଲ୍ଫି ନେଇଛି ସେଗୁଡ଼ିକୁ ଆଲବମ୍‌ରେ ସାଇତି ରଖିଛି। ଏବେ ମୁଁ ସଲମାନଙ୍କ ସହ 'ରାଧେ : ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ଅଭିନୟ କରୁଛି। ଏହି ଫିଲ୍ମଟି ମୋ କ୍ୟାରିୟରକୁ ବେଶ୍ ମାଇଲେଜ ଦେବ ବୋଲି ଆଶା ରଖିଛି।'' ଉକ୍ତ ସିନେମାରେ ସଲମାନ-ଦିଶାଙ୍କ ବ୍ୟତୀତ ରଣଦୀପ ହୁଡା ଏବଂ ଜ୍ୟାକି ଶ୍ରଫ ମଧ୍ୟ ଅଭିନୟ କରୁଛନ୍ତି।

# ରିସ୍କ ନେବାକୁ ପସନ୍ଦ କରେ

ଅଭିନେତା-କମ୍-ପ୍ରଯୋଜକ ନିଖିଲ ଦ୍ୱିବେଦୀଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ ସେ ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି '୧୯୭୧'। ଏହି ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧ ଉପରେ ଏହାର କାହାଣୀ ପର୍ଯ୍ୟବସିତ। ଏ ନେଇ ନିଖିଲ କହନ୍ତି, ''ସିନେମାଟିଏ ପ୍ରଯୋଜନା କରିବା ସମୟରେ ରିସ୍କ ନେବାକୁ ପସନ୍ଦ କରିଥାଏ। କାରଣ କାହାଣୀଟି ଦମ୍‌ଦାର ନ ହେଲେ ସିନେମାଟି ଦର୍ଶକଙ୍କୁ ପ୍ରଭାବିତ କରିବ ନାହିଁ। ତା'ସହ କଳାକାର ଚୟନ, ସଙ୍ଗୀତ, ଉପସ୍ଥାପନାକୁ ମଧ୍ୟ ଗୁରୁତ୍ୱ ଦେଇଥାଏ। ଏହି ଫିଲ୍ମଟି ପ୍ରଯୋଜନା କରିବା ପୂର୍ବରୁ ମୁଁ ଅନେକ ଯୁଦ୍ଧଭିତ୍ତିକ ସିନେମା ଦେଖିଛି। ମୋ ସିନେମା କିପରି ପୂର୍ବ ଫିଲ୍ମଗୁଡ଼ିକଠାରୁ ଆହୁରି ଆକର୍ଷଣୀୟ ହେବ ସେ ନେଇ ଚେଷ୍ଟା କରିବି।'' ଏହି ଫିଲ୍ମର ପ୍ରାରମ୍ଭିକ କାମ ସହ କଳାକାର ଚୟନ ପ୍ରକ୍ରିୟା ଚାଲୁ ରହିଛି। ଖୁବ୍‌ଶୀଘ୍ର ଶୁଟିଂ ସିଡ୍ୟୁଲ ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି ନିଖିଲ।



ନିଖିଲ ଦ୍ୱିବେଦୀ

# ନାକ ଅଗରେ ରାଗ

ଅନନ୍ୟାଙ୍କୁ ଯାହା ପଚାରନ୍ତୁ କିଛି ନାହିଁ, ହେଲେ ଅସଲ କଥାଟି ପଚାରିଦେଲେ ତାଙ୍କ ମୁହଁ ପାଚିଲା ଲଙ୍କା ପରି ଲାଲ୍ ପଡିଯାଉଛି। କଥାଟି କ'ଣ ଜାଣନ୍ତି ? ପ୍ରେମ। ଏବେ ବଲିଉଡ୍‌ରେ ଆଲୋଚନା ହେଉଛି ଯେ ଚଙ୍କି ପାଣ୍ଡେଙ୍କ କନ୍ୟା ଅନନ୍ୟା ଏବେ ପ୍ରେମରେ ମସଗୁଲ। କଥା ପୁଣି ଏତିକିରେ ସୀମିତ ନାହିଁ। ଏବେ ସେ ମାଳଦୀପରେ ଛୁଟି କଟାଇ ଫେରିଛନ୍ତି। ସେଠାରେ ସେ କୁଆଡେ ଏକୁଟିଆ ନ ଥିଲେ। ତାଙ୍କ ସହ ତାଙ୍କର ବିଦେଶୀ ପ୍ରେମିକ ମଧ୍ୟ ଥିଲେ। ଏକଥା ଯେତେବେଳେ ଅନନ୍ୟାଙ୍କ କାନରେ ପଡ଼ିଲା ସେ ବା କେମିତି ଚୁପ୍ ହୋଇ ରହନ୍ତେ ? ଏ ନେଇ ସଫେଇ ଦେଇ ସେ କହନ୍ତି, ''ଆପଣମାନେ ଯାହା ଶୁଣୁଛନ୍ତି ତା' ପଛରେ ଆଦୌ ସତ୍ୟତା ନାହିଁ। ମୋତେ ବଦ୍‌ନାମ କରିବାକୁ କେହି ଏପରି ପ୍ରଚାର କରୁଛି। କାରଣ ମୋର ଏବେ କୌଣସି ବିଦେଶୀ ଯୁବକଙ୍କ ସହ ପ୍ରେମ ସମ୍ପର୍କ ନାହିଁ। ବର୍ତ୍ତମାନ ମୁଁ ବଲିଉଡ୍‌ରେ ନୂଆ। ତେଣୁ ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେଉଛି। ଏପରି ଫାଲତୁ କଥା ଶୁଣିବାକୁ ମୋ ପାଖରେ ମଧ୍ୟ ସମୟ ନାହିଁ। ମୁଁ ମାଇଣ୍ଡ ଫ୍ରି କରିବାକୁ ମାଳଦୀପ ଆସିଛି।'' ସକୁନ୍ ବାତ୍ରାଙ୍କ ଆଗାମୀ ଅନ୍‌ଟାଇଟଲଡ୍ ଫିଲ୍ମରେ ଅନନ୍ୟା ଅଭିନୟ କରିବେ। ଅନନ୍ୟାଙ୍କ ବ୍ୟତୀତ ଏଥିରେ ଦୀପିକା ପାଦୁକୋନ୍ ଏବଂ ସିଦ୍ଧାନ୍ତ ଚତୁର୍ବେଦୀଙ୍କୁ ମଧ୍ୟ ଦେଖିବାକୁ ମିଳିବ।



ଅନନ୍ୟା

# କଥା ୧୧ ବର୍ଷର

ଦେଖୁ ଦେଖୁ ୧୧ ବର୍ଷ ବିତିଗଲାଣି। ହେଲେ କେତୋଟି ହାତଗଣତି ସିନେମାରେ ଅଭିନୟ କରିଛନ୍ତି ସେ। ହେଲେ ଏ ନେଇ ବେଶ୍ ଖୁସି ମଧ୍ୟ ଅଛନ୍ତି। ସେ ହେଲେ ଜରିନ୍ ଖାଁ। ୨୦୧୦ରେ 'ବୀର୍' ଫିଲ୍ମରୁ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ତା'ପରେ 'ରେଡି', 'ହାଉସଫୁଲ୍ ୨', 'ହେଟ୍ ଷ୍ଟୋରି ୩', '୧୯୨୧' ସିନେମା ବ୍ୟତୀତ ମ୍ୟୁଜିକ ଭିଡିଓ 'ପ୍ୟାର୍ ମାଙ୍ଗା ହୈ'ରେ ଆକ୍ଟିଂ କରିଥିଲେ। ନିଜର ଏହି ୧୧ ବର୍ଷର କ୍ୟାରିୟର ବିଷୟରେ ଜରିନା କହନ୍ତି, ''ଅତୀତରେ କ'ଣ ଘଟିଯାଇଛି ତାହାକୁ ପୁଣି ଥରେ ଆଲୋଚନା କରିବାକୁ ଚାହୁଁନାହିଁ। କାରଣ ମୋତେ ଯେତେବେଳେ ଯେଉଁ ଭୂମିକାଟିଏ ମିଳିଛି ତାହାକୁ ତୁଲାଇବାକୁ ଚେଷ୍ଟା କରିଛି। ନାୟିକା ଦୌଡ଼ରେ ନିଜକୁ ସାମିଲ କରିବାକୁ ମୁଁ କେବେ ଆଶା ରଖିନି। ମୋତେ ଯାହା ମିଳିଛି ସେତିକିରେ ମୁଁ ସନ୍ତୁଷ୍ଟ। ମୋ ଲୁକ୍‌କୁ କେତେକେ କ୍ୟାଟ୍ରିନାଙ୍କ ସହ ତୁଳନା କରନ୍ତି। ଯେଉଁଥିପାଇଁ ମୋ କ୍ୟାରିୟର ମଧ୍ୟ ବହୁତ ପ୍ରଭାବିତ ହୋଇଛି। କାରଣ ଡୁପ୍ଲିକେଟ୍‌ଙ୍କୁ ନେବାକୁ ଅନେକେ ପସନ୍ଦ କରନ୍ତି ନାହିଁ। ତେଣୁ ବଲିଉଡ୍‌ରେ ନିଜର ପରିଚୟ କରିବାକୁ ମୁଁ ବହୁତ ଚେଷ୍ଟା କରିଛି।'' ଜରିନ୍‌ଙ୍କ ଅଭିନୀତ 'ହମ୍ ଭି ଅକେଲେ ତୁମ୍ ଭି ଅକେଲେ' ଗତ ବର୍ଷ ରିଲିଜ ହୋଇଥାଆନ୍ତା, ହେଲେ କୋଭିଡ୍ ପାଇଁ ଚଳିତବର୍ଷ ପରଦା ଉପରକୁ ଆସିବ।



ଜରିନ୍ ଖାଁ

# କେବଳ ସଲ୍ଲୁଙ୍କ ପାଇଁ


ଜଣେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ଡେଜି ଶାହା ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ସଲମାନ ଅଭିନୀତ ତଥା ହିଟ୍ ସିନେମା 'ତେରେ ନାମ୍'ରେ ଡ୍ୟାନ୍ସର ଭାବରେ ଅଫର ପାଇବା ପରେ ତାଙ୍କର ଖୁସିର ସୀମା ରହି ନ ଥିଲା। କାରଣ ତାଙ୍କର ପ୍ରିୟ ଅଭିନେତା ଥିଲେ ସଲମାନ। ପରବର୍ତ୍ତୀ ସମୟରେ ୨୦୧୪ରେ 'ଜୟ ହୋ' ଫିଲ୍ମରେ ସେ ସଲମାନଙ୍କ ନାୟିକା ଭାବରେ ଅଭିନୟ କରିଥିଲେ। ଏହାପୂର୍ବରୁ ଡେଜି ଗଣେଶ ଆଚାର୍ଯ୍ୟଙ୍କ ସହ ଆସିଷ୍ଟାଣ୍ଟ କୋରିଓଗ୍ରାଫର ଭାବରେ କିଛି ବର୍ଷ କାମ କରିଥିଲେ। ଏ ସମ୍ପର୍କରେ ଡେଜି କହନ୍ତି, 'ତେରେ ନାମ'ର ଶୁଟିଂ ସମୟରେ ସଲମାନ ମୋତେ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରିବାକୁ କହିଥିଲେ। ହେଲେ ହଠାତ୍ ମୁଁ ଏ ନେଇ ନିଷ୍ପତ୍ତି ନେଇପାରି ନ ଥିଲି। କିନ୍ତୁ ପରବର୍ତ୍ତୀ ସମୟରେ ଅଭିନୟକୁ କ୍ୟାରିୟର କରିବାକୁ ମାଇଣ୍ଡ ମେକଅପ କରିଥିଲି। ଏତିକି କହିବି, କେବଳ ସଲମାନ୍‌ଙ୍କ ପାଇଁ ହିଁ ଆଜି ମୁଁ ଏହି ଲାଇନ୍‌ରେ ତିଷ୍ଠି ରହିଛି। ସେ ମୋ ପାଇଁ 'ମେଣ୍ଟର।' 'ଜୟ ହୋ'ରେ ନିଜ ଅଭିନୟ ପାଇଁ ସେ ବେଶ୍ ପ୍ରଶଂସା ସାଉଁଟି ଥିଲେ। 'ହେଟ୍ ଷ୍ଟୋରି-୩'ରେ ଶେଷ ଥର ପାଇଁ ଡେଜିଙ୍କୁ ବଡ ପରଦାରେ ଦେଖିବାକୁ ମିଳିଥିଲା।



ଡେଜି ଶାହା

# ଶିବାର ପ୍ରେମ କାହାଣୀ

ଶିବା ବସ୍ତିରେ ରହେ। ଗୁଣ୍ଡାଗିରି ତାହାର ପେସା। ତଥାପି ବସ୍ତିର ଲୋକମାନଙ୍କ ନିକଟରେ ସେ ବେଶ୍ ପ୍ରିୟପାତ୍ର। କାହିଁକି ଜାଣନ୍ତି ? ସେ ଦାଦାଗିରି ବଳରେ ଧନୀ ଲୋକଙ୍କ କଳା ଧନକୁ ହାତେଇ ଗରିବଙ୍କ ମଧ୍ୟରେ ବାଣ୍ଟି ଦେଇଥାଏ। କେହି ଜଣେ ଗରିବ ତାକୁ ସାହାଯ୍ୟ କରିବାକୁ ଅନୁରୋଧ କଲେ ସେ ତା' ଦୁଃଖରେ ଦୁଃଖୀ ହୋଇ ସହଯୋଗର ହାତ ବଢ଼ାଇଥାଏ। ଏପରି ଜୀବନ ଭିତରେ ସେ ଥରେ ଜଣେ ଅସହାୟ ନାରୀକୁ ଉଦ୍ଧାର କରେ। ତା'ପରେ ଧୀରେ ଧୀରେ ସେହି ନାରୀ ପ୍ରେମରେ ପଡିଯାଏ। ହେଲେ ତାହାର କଠୋର ହୃଦୟ ଭିତରେ ଯେଉଁ ଭଲ ପାଇବାର ସତେଜ ଗୋଲାପର ବାସ୍ନାକୁ ତା' ପ୍ରେମିକା କ'ଣ ଅନୁଭବ କରିପାରେ ? ନିଜର ପ୍ରେମ ମିଶନରେ ଶିବା ସଫଳ ହୁଏ କି ? ଏପରି ଅସମାହିତ ପ୍ରଶ୍ନଗୁଚ୍ଛର ଉତ୍ତର ରହିଛି ନିର୍ମାଣାଧୀନ ସିନେମା 'ଅରୁନ୍ଧତୀ'ରେ। ଆଉ ଏଥିରେ ଶିବା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଆକ୍ସନ ଷ୍ଟାର ରାଜବୀର। ଆର.ଆର.ଇଭେଣ୍ଟ ବ୍ୟାନରରେ ଫିଲ୍ମର ପ୍ରଯୋଜନା କରିଛନ୍ତି ଆଗଧାଡିର ଯୁବ ପ୍ରଯୋଜକ ରମେଶ ବାରିକ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ରମେଶ ରାଉତ। ଅଭିଜିତ ମଜୁମଦାର ଗୀତଗୁଡ଼ିକୁ ସ୍ୱର ଦେଇଥିବା ବେଳେ ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏହି ଫିଲ୍ମରେ ରାଜବୀରଙ୍କ ଅପୋଜିଟ୍‌ରେ ଅଛନ୍ତି ଏଲିନା ସାମନ୍ତରାୟ। ଫିଲ୍ମଟି ମାର୍ଚ୍ଚ ମାସରେ ରିଲିଜ ହେବାର ଯୋଜନା ରହିଛି। ଏହାବ୍ୟତୀତ ଆଉ ଏକ ଆକ୍ସନଭିତ୍ତିକ ଫିଲ୍ମ 'ଲଭ୍ ଫିଭର୍'ରେ ମଧ୍ୟ ରାଜବୀର ଅଭିନୟ କରିଛନ୍ତି।



ଏଲିନା-ରାଜବୀର



**ପ୍ରଥମ ରୋଜଗାର**

ଅଧ୍ୟାପିକା ତଥା ସାମାଜିକ କର୍ମୀ **ଅମିୟବାଳା ପରିଡ଼ା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

## ଦରମା ଟଙ୍କାରେ ଠାକୁରଙ୍କ ପାଖେ କ୍ଷୀରସାଗର ଭୋଗ କରିଥିଲି

**ବା**ପା ଯେହେତୁ ସେକ୍ରେଟାରିଏଟ୍‌ରେ ଚାକିରି କରୁଥିଲେ, ତେଣୁ ମୋ ଜନ୍ମ ଆଉ ପାଠପଢ଼ା ସବୁକିଛି ଭୁବନେଶ୍ୱରରେ ହୋଇଥିଲା। ୟୁନିଟ୍-୯ ବାଳିକା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ବାପାଙ୍କର ନୟାଗଡ଼ ବଦଳି ହେବାରୁ ସେଠାରେ ଯୁକ୍ତ ୨ ପଢ଼ିଥିଲି। ତା'ପରେ ପୁରୀ ଏସ୍.ସି.ଏସ୍. କଲେଜରୁ ଏଜୁକେଶନ୍ ଅନର୍ସ ରଖି ଯୁକ୍ତ ୩ରେ ଟପ୍ପର ହେବା ପରେ ରେଭେନ୍ସାରେ ପି.ଜି. କଲି। ସ୍ୱପ୍ନ ଥିଲା ଅଧ୍ୟାପିକା ହେବାର। ସେଥିପାଇଁ ନିଜସ୍ୱ ଚେଷ୍ଟାରେ ବିଭିନ୍ନ ବେସରକାରୀ କଲେଜରେ ଅଧ୍ୟାପନା କଲି, ସେ ପୁଣି ବିନା ପାରିଶ୍ରମିକରେ। ତେବେ ବିଧିବଦ୍ଧ ଭାବେ ୧୯୯୨ରେ ମୋର ପୋଷ୍ଟିଂ କାକଟପୁର ମହିଳା ମହାବିଦ୍ୟାଳୟରେ ହେଲା। ସେତେବେଳେ ଏହି କଲେଜଟି ମ୍ୟାନେଜମେଣ୍ଟ ଦ୍ୱାରା ପରିଚାଳିତ ହେଉଥିଲା। ୭୦୦ ଟଙ୍କା ଦରମା ପାଉଛି ବୋଲି କେବଳ ଖାତାରେ ସାଇନ୍ କରୁଥିଲି ହେଲେ ମୋ ହାତକୁ କିଛି ଆସୁ ନ ଥିଲା। କାରଣ ମୁଁ କଲେଜ ହଷ୍ଟେଲରେ ରହୁଥିଲି। ମୋର ରହିବା, ଖାଇବା ତଥା ଅନ୍ୟାନ୍ୟ ଖର୍ଚ୍ଚ ବାବଦ କଲେଜ ମୋ ଦରମା ଟଙ୍କାକୁ ସିଆଡୁ କାଟି ନେଉଥିଲା। ତା'ଛଡ଼ା ମୋ ହାତଖର୍ଚ୍ଚ ପାଇଁ ବାପା ଟଙ୍କା ପଠାଉଥିବାରୁ ଦରମା ପ୍ରତି ମୋର ସେତେ ଉତ୍କଣ୍ଠା ବି ନ ଥିଲା। ୨୦୦୦ ମସିହାରେ ମୋ ବାହାଘର ହେଲା। ଶାଶୁଘର ଯାଜପୁର ହୋଇଥିବାରୁ ଚାକିରି କରିବି ନା ଛାଡ଼ିବି ଦ୍ୱନ୍ଦ୍ୱରେ ଥାଏ। ହେଲେ ମୋ ସ୍ୱାମୀଙ୍କ ପ୍ରେରଣା ଓ ସହଯୋଗ ଯୋଗୁ ପୁଣି ଚାକିରି କଲି। ଏମିତିରେ ୨୦୦୯ରେ ଗୋଟେ ଖୁସି ଖବର ଆସିଲା। ଆମ କଲେଜ ସରକାରୀ ଅନୁଦାନ ପରିସରଭୁକ୍ତ ହେଲା। ମନେମନେ ଅନେକ ସ୍ୱପ୍ନ ଦେଖିଥିଲି, ଯେତେବେଳେ ମତେ ମୋର ଦରମା ମିଳିବ ମୁଁ ପ୍ରଥମେ ଆଣି ମୋ ସ୍ୱାମୀଙ୍କ ହାତରେ ଦେବି। କାରଣ ମୋର ସଫଳତା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଆଉ ଜିଦ୍ ଥିଲା। ହେଲେ ମୋର ସେ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା। କାରଣ ମୋ ହାତରେ ମୋ ପ୍ରଥମ ଦରମାକୁ ଦେଖି ସେ କିଛି ଅନୁଭବ କରିପାରୁ ନ ଥିଲେ କି କିଛି କହିପାରୁ ନ ଥିଲେ। ଦୁର୍ଭାଗ୍ୟବଶତଃ ମସ୍ତିଷ୍କ ଆଘାତଜନିତ ଦୁର୍ଘଟଣା ଯୋଗୁ ସେ ନିଜର ମାନସିକ ଭାରସାମ୍ୟ ହରାଇ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ହୋଇଯାଇଥିଲେ। ତେଣୁ ଖୁସି ହେବି କି ଦୁଃଖ କରିବି ଜାଣିପାରୁ ନ ଥିଲି। କିଛି ଶୂନ୍ୟତା ଆଉ କିଛି ପୂର୍ଣ୍ଣତା ଏଇ ଭିତରେ ସମସ୍ତଙ୍କ ଅଲକ୍ଷରେ ମୋ ଆଖିରୁ ଖାଲି ଲୁହ ବୋହୁଥିଲା। ତଥାପି ମୋ ପରିବାରର ଏପରି ଦୁର୍ଦ୍ଦିନ ସମୟରେ ମୋର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥିବାରୁ ଭଗବାନଙ୍କୁ ଧନ୍ୟବାଦ ଦେଉଥିଲି। ଉଭୟ ମୋ ପୁଅ ଓ ତା' ବାବା ଖୁବ୍ ଭଲ ପାଉଥିଲେ କ୍ଷୀରସାଗର ଖାଇବାକୁ। ତେଣୁ ପ୍ରଥମ ଦରମାରେ ଘରକୁ କ୍ଷୀରସାଗର କିଣିକି ଆଣିଥିଲି। ଠାକୁରଙ୍କୁ ଭୋଗ ଦେଇ ନିଜ ହାତରେ ତାଙ୍କୁ ଖୁଆଇ ଦେଇଥିଲି। କିଛି କହିପାରୁ ନ ଥିଲେ ବି ସେ ବହୁତ ଖୁସି ଜଣାପଡୁଥିଲେ। ତା'ପରଠୁ ମୋର ପ୍ରତ୍ୟେକ ମାସର ଦରମା ତାଙ୍କର ଚିକିତ୍ସାରେ, ପୁଅର ପାଠପଢ଼ା ତଥା ସମାଜ ସେବାରେ ହିଁ ଖର୍ଚ୍ଚ ହୋଇଯାଉଥିଲା। ଏସବୁ ପରେ ବି ଭଗବାନଙ୍କର ନିର୍ଦ୍ଦେଶ ଥିଲା କିଛି ଅଲଗା। ଗୋଟିଏ ବର୍ଷ ଭିତରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହୋଇ ମୋର ଏକମାତ୍ର ପୁଅ ଗିରିଜା ଶଙ୍କର ଓ ତାକୁ ଝୁରି ଝୁରି ଶଯ୍ୟାଶାୟୀ ତା' ବାବା ଚଣ୍ଡୀପ୍ରସାଦ ଚାଲିଗଲେ ଆରପାରିକୁ। ଆଉ ଛାଡ଼ିଦେଇ ଗଲେ ମୋତେ ସାରା ଦୁନିଆର ଅସହାୟ ସନ୍ତାନମାନଙ୍କର ମାଆ କରି। ସେଥିପାଇଁ ନିଜକୁ ପୁଣି ଦୃଢ଼ କଲି। ଆଉ ସେମାନଙ୍କ ସ୍ୱପ୍ନକୁ ପୂରଣ କରିବାକୁ 'ଚଣ୍ଡୀପ୍ରସାଦ ଫାଉଣ୍ଡେସନ ଟ୍ରଷ୍ଟ' ଓ 'ମାଷ୍ଟର ଗିରିଜା ମେମୋରିଆଲ୍ ରୋଡ୍‌ସେଫ୍ଟି ଫାଉଣ୍ଡେଶନ୍ ଟ୍ରଷ୍ଟ' ଗଢି ଗୋଟିଏ ସନ୍ତାନ ବଦଳରେ ଅନେକ ସନ୍ତାନଙ୍କ ମୁହଁରେ ହସ ଖେଳାଇବା ପାଇଁ ମୋର ଚେଷ୍ଟା ଜାରି ରଖିଛି ଏବଂ ମୋର ସମ୍ପୂର୍ଣ୍ଣ ରୋଜଗାର ସେମାନଙ୍କ ପାଇଁ ହିଁ ସମର୍ପିତ କରିଦେଉଛି। ମୋର ଜନ୍ମ ଆଉ ମୋର କର୍ମ ସବୁକିଛି ସମାଜ ପାଇଁ ଉଦ୍ଦିଷ୍ଟ, ବୋଧହୁଏ ଭଗବାନଙ୍କର ଏହା ହିଁ ନିର୍ଦ୍ଦେଶ।

*-ଅନ୍ୱିତା*

# ଚୋରା ଚାହାଣିରେ ଫସିଲା ମନ, ଭାବି ଭାବି ବିତି ଯାଉଛି ଦିନ

**ପ୍ରଶ୍ନ-**ସେହି ସୁନ୍ଦରୀର ଚୋରା ଚାହାଣି ମୋ ମନକୁ କିଣି ନେଇଛି। ମୋତେ ଲାଗୁଛି ସେହି ଚାହାଣିରେ ମୁଁ ଫୁଲ୍ ଫସିଯାଇଛି। ତା' କଥା ଭାବି ଭାବି ଦିନ ବିତିଯାଉଛି। ତାକୁ ପ୍ରେମ ନିବେଦନ କିପରି କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

*-ଅନନ୍ତ ରାଉତ, ବାଲେଶ୍ୱର*

**ଉତ୍ତର:** ସୁନ୍ଦରୀଙ୍କ ଚାହାଣିରେ ସତେ ଯେମିତି ମ୍ୟାଜିକ୍ ଥାଏ। ଦେଖୁନାହାନ୍ତି, ସେହି ସୁନ୍ଦରୀର ଚୋରା ଚାହାଣି କେମିତି ଆପଣଙ୍କୁ ପାଗଳ କରିଦେଇଛି। ତା' କଥା ଦିନରାତି ବସି ଭାବୁଛନ୍ତି। ଅର୍ଥାତ୍ 'ଚୋରା ଚାହାଣିରେ ଫସିଲା ମନ, ଭାବି ଭାବି ବିତି ଯାଉଛି ଦିନ।' ପୁଣି ତାକୁ ପ୍ରେମ ନିବେଦନ କରିବାକୁ ଚାହୁଁଛନ୍ତି। ଯଦି ତା' ସହ ସାକ୍ଷାତ ହେଉଛି, ତେବେ ସମୟ ସୁବିଧା ଦେଖି ଆପଣଙ୍କ ମନ ଭିତରେ ବସା ବାନ୍ଧି ରହିଥିବା କଥାଗୁଡ଼ିକ ତା' ସାମ୍ନାରେ ଓଗାଳି ପକାନ୍ତୁ ନା ! ଯଦି ସେ କଥା ଶୁଣି ସେ ହସିଦେଲା, ଆଉ ସେ ହସରେ ପ୍ରେମର ପହିଲି ଝଲକ ଦେଖିପାରିଲେ ତେବେ ଆଉ ଡେରି କିଆଁ ? କେବଳ ଧାଡ଼ି ଦେଖି ମାଡ଼ିଯାଆନ୍ତୁ। ହେଲେ ଏହି ସମୟରେ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ।

**ପ୍ରଶ୍ନ-**ପ୍ରେମ କଲେ ପ୍ରତାରଣା ପରି ପରିସ୍ଥିତିର ସାମ୍ନା କରିବାକୁ ପଡ଼େ କାହିଁକି ?

*-ଅନୁପମ ସାହୁ, ରାଉରକେଲା*

**ଉତ୍ତର:**ପ୍ରେମ ରାସ୍ତାରେ ଯାତ୍ରା କରିବା ବେଳେ ବିଭିନ୍ନ ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। ଉତ୍ଥାନ-ପତନର ଏହି ରାସ୍ତାରେ କେତେବେଳେ ପ୍ରେମ ମିଠା ଲାଗେ ତ ପୁଣି କେତେବେଳେ ଖଟା। ହେଲେ ପ୍ରେମିକା-ପ୍ରେମିକଙ୍କର ମାନସିକତା ଉପରେ ପ୍ରେମର ସ୍ୱାଦ ନିର୍ଭର କରିଥାଏ। ଯେତେବେଳେ ଏହା ଉପରୁ ବିଶ୍ୱାସ ତୁଟିଯାଏ, ମନରେ ପ୍ରେମକୁ ନେଇ ବିଭିନ୍ନ ପ୍ରଶ୍ନ ଉଙ୍କିମାରେ ସେତେବେଳେ ଦେଖୁଦେଖୁ ପ୍ରେମ ଆକାଶରେ ଅବିଶ୍ୱାସର ବାଦଲ ଘୂରି ବୁଲି ଥାଆନ୍ତି। ମନ ନିର୍ମଳ ରହିଲେ ପ୍ରେମ ସବୁବେଳେ ମିଠା ଲାଗେ। ଆଉ ପ୍ରେମକୁ ଟାଇମ ପାସ୍ ଭାବିଲେ ପ୍ରତାରଣାକୁ ନିଜେ ହିଁ ପରୋକ୍ଷରେ ଆହ୍ୱାନ କରିଥାଆନ୍ତି। ତେଣୁ ବେଳ ଥାଉ ଥାଉ ସାବଧାନ ରହିଲେ ଏପରି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କମ୍ ଥାଏ।

**ପ୍ରଶ୍ନ-**ମୋ ପ୍ରେମିକା ମୋତେ କେତେ ଭଲ ପାଉଛି କେମିତି ଜାଣିବି ?

*-ଦୀପକ, ବାରିପଦା*

**ଉତ୍ତର:** ଆପଣଙ୍କ ପ୍ରେମିକା ଉପରେ ଆପଣଙ୍କର ଭରସା ବୋଧେ କମିଯାଇଛି। ଯେତେବେଳେ ତାଙ୍କୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ଅନ୍ତତଃ ତାଙ୍କ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ, ତେବେ ଯାଇ ଦୁହିଁଙ୍କର ପ୍ରେମ କଂକ୍ରିଟ ପରି ମଜଭୁତ ହେବ। ଏବେ ଯେଉଁ ପ୍ରଶ୍ନ ଆପଣଙ୍କ ମନରେ ଉଠିଛି ତାହାର ଅର୍ଥ ହେଲା ଦୁହିଁଙ୍କ ଭିତରେ ପ୍ରେମର ଗଭୀରତା କେତେ ଅଛି ତାହା ମାପିବାକୁ ଚାହୁଁଛନ୍ତି। ଆଉ ଜଣେ ସୁନ୍ଦରୀ ସାମ୍ନାରେ ପ୍ରେମ କରିବାର ନାଟକ କରନ୍ତୁ। ବଳେବଳେ ଜାଣିପାରିବେ ସେ ଆପଣଙ୍କୁ ପ୍ରକୃତରେ କେତେ ଭଲ ପାଏ।

**ପ୍ରଶ୍ନ-**କେଉଁ ଋତୁରେ ପ୍ରେମର ସ୍ୱାଦ ମିଠା ଲାଗେ ?

*-ଅଜିତ ବରାଳ, କଳାହାଣ୍ଡି*

**ଉତ୍ତର:** ପ୍ରେମକୁ ଯଦି ଠିକ୍ ଭାବରେ ମେଣ୍ଟେନ କରୁଛନ୍ତି ତେବେ ଏହାର ସ୍ୱାଦ ବର୍ଷତମାମ ମିଠା ଲାଗେ। ପ୍ରେମରେ ଯଦି ସନ୍ଦେହର ବାଦଲ ମାଡିଆସେ ତେବେ ଏହାର ଚାର୍ମ ବଦଳିବା ଆରମ୍ଭ କରିଥାଏ। ଯଦି ପ୍ରେମ କରୁଛନ୍ତି ଆଉ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ଭରସା ଅଛି ତେବେ ପ୍ରେମର ସ୍ୱାଦକୁ ନେଇ ପ୍ରଶ୍ନ ଉଠାଇବାର ଆବଶ୍ୟକତା କ'ଣ ଅଛି କହିଲେ ? ଯଦି ସବୁ ଠିକ୍ ଠାକ୍ ଚାଲିଛି, ତେବେ ପ୍ରେମର ସ୍ୱାଦ ସବୁବେଳେ ରସଗୋଲା ପରି ମିଠା ଲାଗିଥାଏ।

ସାଥୀ





# ବାଉଁଶ କଳାକୃତି

ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ଓ କଳାକାରିଗରି କୌଣସି ଗୋଟିଏ ଗାଁରେ ସୀମିତ ନୁହେଁ, ବରଂ ଦେଶବିଦେଶରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଏହାଦ୍ୱାରା ହସ୍ତଶିଳ୍ପ କଳାରେ ନିୟୋଜିତ କାରିଗରମାନଙ୍କୁ କିଛି ରୋଜଗାର ପନ୍ଥା ମିଳିଯାଇଥାଏ। ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ମେଳା, ମହୋତ୍ସବରେ କାରିଗରମାନେ ସେମାନଙ୍କ ହସ୍ତକଳା ପସରାକୁ ଖୋଲିଥାନ୍ତି। ଏହି କଳାକୃତିଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର, ସେମିତି ମନଛୁଆଁ ହୋଇଥାଏ। ମାତ୍ର ହସ୍ତଶିଳ୍ପୀଙ୍କ ଦ୍ୱାରା ମାଟି, ଗୋବର, ପିତ୍ତଳ, କାଠ, କାଗଜ କିମ୍ବା ଜଉ ଆଦିରେ ତିଆରି ନାନା ପ୍ରକାରର ପାରମ୍ପରିକ ହସ୍ତକଳାରେ ଘରକୁ ସଜାଇବାରେ ଅନେକେ ପସନ୍ଦ କରିଥାନ୍ତି। କିନ୍ତୁ ବାଉଁଶରେ ତିଆରି ବିଭିନ୍ନ ଘରକରଣା ସାମଗ୍ରୀ ମଧ୍ୟରେ ଟୋକେଇ, ପାଛିଆ, କୁଲା, ଭୋଗେଇ, ଚିଡ଼େଇ, ଡାଲା, ତଲେଇ, ତାଟି ଆଦି ସାମଗ୍ରୀକୁ ବାଦ ଦେଲେ ହସ୍ତଶିଳ୍ପୀ କାରିଗରଙ୍କ ଦ୍ୱାରା ବାଉଁଶରେ ତିଆରି ଆହୁରି ଅନେକ ପ୍ରକାରର ସୁନ୍ଦର ସୁନ୍ଦର ଘର ସାଜସଜ୍ଜା ଓ ବ୍ୟବହାରିକ ଅନ୍ୟାନ୍ୟ ସାମଗ୍ରୀ ତିଆରିକରି କାରିଗରମାନେ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ଏମିତି ବାଉଁଶରେ ପ୍ରସ୍ତୁତ କେତେକ କଳାକୃତି ସାମଗ୍ରୀକୁ ତିଆରି କରିଛନ୍ତି ମୟୂରଭଞ୍ଜ ଜିଲାର ବିଜାତଳା ବ୍ଲକ ଅନ୍ତର୍ଗତ ଛଣପାଳ ଗାଁର କେତେଜଣ ମହିଳା କାରିଗର। ଏଠାର ବାସିନ୍ଦା ହେଲେ ଜୀବନରାମ ମାହନ୍ତ । ସେ କୁହନ୍ତି, ଆମ ଗାଁର ପ୍ରାୟ ୩୦ ଜଣ ବାଉଁଶ ହସ୍ତଶିଳ୍ପ କାରିଗର ନିଜର ବଳକା ସମୟରେ ବାଉଁଶ ଦ୍ୱାରା ବିଭିନ୍ନ ସାଜସଜ୍ଜା କଳାକାର୍ଯ୍ୟ କରୁଛନ୍ତି। ଏମିତିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମହିଳା ଏହି କାମ ପାଇଁ ଟ୍ରେନିଂ ନେଇ ଘର ସାଜସଜ୍ଜା ପାଇଁ ଏହି ସାମଗ୍ରୀକୁ ତିଆରି କରିଥାନ୍ତି। ରାଇରଙ୍ଗପୁରଠାରେ ଥିବା ସୃଜନିକା କଳାକୁଟୀର ସଂସ୍ଥାରେ ଅନେକ କାରିଗର ଟ୍ରେନିଂ ନେଇଛନ୍ତି। ଆମ ପରିବାରରେ ମୋ ସ୍ତ୍ରୀ ମଧ୍ୟ ଏହି ବାଉଁଶ କଳାକୃତି କାର୍ଯ୍ୟ କରିଥାନ୍ତି। ଚାଷ ପରେ ବଳକା ସମୟରେ ଆମେ ଏହି ବାଉଁଶ କଳାକାରିଗରି କରିଥାଉ। ଜୟଶ୍ରୀ ମାହନ୍ତ କୁହନ୍ତି, ଏହି ବାଉଁଶ କଳାକାରିଗରିରେ ଯଦି ସବୁଦିନ ପରିଶ୍ରମ କରୁ ତେବେ ମାସକ ମଧ୍ୟରେ ବିଭିନ୍ନ ସାମଗ୍ରୀ ତିଆରିକରି କିଛି ରୋଜଗାର ମିଳିଥାଏ। ଆଜକୁ ପ୍ରାୟ ୧୧ବର୍ଷ ଧରି ଏପରି ବାଉଁଶ କାରିଗରି କାମ କରିଆସୁଛୁ। ବାଉଁଶରେ ବିଭିନ୍ନ ପ୍ରକାର ସାମଗ୍ରୀ ଫୁଲଦାନୀ, ପେନ୍‌ଷ୍ଟାଣ୍ଡ, ଡଙ୍ଗା, ଫଟୋଚିତ୍ର ଆଦି ବିଭିନ୍ନ ପଶୁପକ୍ଷୀ ସାମଗ୍ରୀ ତିଆରି କରିଆସୁଛୁ। ଆମ ସହିତ ଆଉ କେତେଜଣ ମହିଳା ମଧ୍ୟ ଏହି କାମକୁ ଶିଖିଥାନ୍ତି। ସେମାନେ ବି ଏହି ବାଉଁଶ ତିଆରି ହସ୍ତଶିଳ୍ପ ସାମଗ୍ରୀକୁ ନେଇ ନିଜର ଜୀବିକା ନିର୍ବାହ କରିଥାନ୍ତି। ତେବେ ପ୍ରଥମେ ଆମେ ସନାରି ଜାତୀୟ ବାଉଁଶକୁ ଗାଁର ବିଭିନ୍ନ ଲୋକଙ୍କ ବାରିରୁ ସଂଗ୍ରହ କରିଥାଉ। କେହି କେହି କିଣି ଆଣିଥାନ୍ତି। କେହି ବି ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ସଂଗ୍ରହ କରିଥାନ୍ତି। ବାଉଁଶ କଳାକୃତି ତିଆରି ପାଇଁ ପ୍ରଥମେ ସଂଗ୍ରହକରି ଆଣିଥିବା ସନାରି ବାଉଁଶକୁ ପାଟକାଠି କରିଥାଉ, ଏହାପରେ ବିଭିନ୍ନ କଳାକୃତିର ଆକୃତି ପାଇଁ ନିର୍ଦ୍ଦିଷ୍ଟ ମାପ ଅନୁସାରେ ସେସବୁକୁ କଇଁଚିରେ ସାଇଜକରି କାଟିଥାଉ। ତା'ପରେ ମାପର ସେଟ୍ ଅନୁସାରେ ବିଭିନ୍ନ କଳାକୃତିର ନମୁନା ପ୍ରସ୍ତୁତକରି ଏଥିରେ ଫେବିକଲ ଅଠା ଦେଇ ଯୋଡ଼ିଥାଉ। ଆବଶ୍ୟକ ସ୍ଥଳେ ବିଭିନ୍ନ କାଠରଙ୍ଗକୁ ଏଥିରେ ଦେଇ ଅଧିକ ଆକର୍ଷଣ କରିଥାଉ। ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଆଦିବାସୀ ମେଳା ସମେତ ବିଭିନ୍ନ ମେଳା ଓ ମହୋତ୍ସବରେ ଆମେ ତିଆରି କରିଥିବା ଏହି ବାଉଁଶ ହସ୍ତ କଳାକୃତିଗୁଡ଼ିକୁ ବିକ୍ରିକରିବା ପାଇଁ ନେଇଥାଉ। କେତେକ ଷ୍ଟଲରେ ହସ୍ତକଳାକୁ ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଥାଏ। କଟକ, ଭୁବନେଶ୍ୱର, ବାରିପଦା, ରାଇରଙ୍ଗପୁର, ବାଲେଶ୍ୱର ଏପରିକି ଥରେ ରାଜ୍ୟ ବାହାରକୁ ଯଥା ଝାଡ଼ଖଣ୍ଡକୁ ଏହି ବାଉଁଶ ହସ୍ତକଳାଶିଳ୍ପକୁ ନେଇ ଯାଇଥିଲୁ। ଜଣେ ଜଣେ କାରିଗର ତା'ର କଳାକୃତି କାମକୁ ନେଇ ପାରିଶ୍ରମିକ ବାବଦକୁ ମାସକୁ ପ୍ରାୟ ୧୦ରୁ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରନ୍ତି। ତେବେ ଏମିତି ଏହି ବାଉଁଶ ତିଆରି କଳାକୃତିଗୁଡ଼ିକ ଆମ ରାଜ୍ୟର ହସ୍ତକଳା କାରିଗରି ସମୃଦ୍ଧିରେ ସହାୟକ ହୋଇଥାଏ।

–ବନବିହାରୀ ବେହେରା











**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ବନ୍ଦନା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### କିଏ

ପପୁ ପ୍ରଥମ ଥର ଏକ ଝିଅ ସହ ଘରକୁ ଆସିଥାଏ। ଏହା ଦେଖି
ବାପା- ଇଏ କିଏ ?
ପପୁ- ମୋ ଗର୍ଲଫ୍ରେଣ୍ଡ।
ବାପା- ଓଃ।
କିଛିଦିନ ପରେ ପପୁ ଆଉ ଏକ ଝିଅକୁ ନେଇ ଘରକୁ ଆସିବାରୁ ବାପା- ଇଏ ପୁଣି କିଏ ?
ପପୁ- ରିପ୍ଲା ଓ୍ୱହି, ଲଡକି ନୟି।

### ନୂଆ ଜୋତା

ରାଜେଶ ସବୁଦିନ ନୂଆ ନୂଆ ଜୋତା ପିନ୍ଧି କାମକୁ ଯାଉଥାଏ। ଏହା ଦେଖି ତା' ସାଙ୍ଗମାନେ ଦିନେ ପଚାରିଲେ- ଆରେ ରାଜେଶ, ତୁ ସବୁଦିନ ନୂଆ ଜୋତା ପିନ୍ଧିକି ଆସୁଛୁ। ନୂଆ ଜୋତା ଦୋକାନ ଖୋଲିଛୁ ନା କ'ଣ ?
ରାଜେଶ- ନାଇଁ ମ। ଆମ ଘର ପାଖରେ ଗୋଟେ ନୂଆ ମନ୍ଦିର ହେଇଛି।


### ବାର୍ଡ ଫ୍ଲୁ

ଶିକ୍ଷକ ମଣ୍ଟୁକୁ- ଏତେଦିନ ହେବ ସ୍କୁଲ କାହିଁକି ଆସୁ ନ ଥିଲୁ ?
ମଣ୍ଟୁ- ବାର୍ଡ ଫ୍ଲୁ ହେଇ ଯାଇଥିଲା।
ଶିକ୍ଷକ- କ'ଣ ବାର୍ଡ ଫ୍ଲୁ? ଏଇ ରୋଗ ତ ପକ୍ଷୀଙ୍କୁ ହୁଏ।
ମଣ୍ଟୁ- ଆପଣ ମତେ କ'ଣ ଆଉ ମଣିଷ କରି ରଖିଛନ୍ତି। ସବୁଦିନ ତ କୁକୁଡ଼ା କରି ଦେଉଛନ୍ତି।



# ଐତିହାସିକ କ୍ଷେତ୍ର ରତ୍ନାଗିରି

**ରତ୍ନାଗିରି ମହାରାଷ୍ଟ୍ରର ରତ୍ନାଗିରି ଜିଲା ଅନ୍ତର୍ଗତ ଏକ ନଗର; ଯାହାକି ନିଜର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀକୁ ନିଜ ଭିତରେ ସାଇତି ରଖିପାରିଛି। ଖାସ୍ ସେଥିପାଇଁ ଏଠାରେ ଆଗନ୍ତୁକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳେ...**





ରତ୍ନାଗିରି ମହାରାଷ୍ଟ୍ରର ଏମିତି ଏକ ସ୍ଥାନ, ଯେଉଁଠାରେ ଅନେକ ଐତିହାସିକ କୀର୍ତ୍ତିରାଜି, ଧାର୍ମିକ ପୀଠ ତଥା ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ପର୍ଯ୍ୟଟକ ବହୁ ନିଆରା ଅନୁଭୂତିକୁ ସାଙ୍ଗରେ ନେଇ ଆସିପାରିବେ। ଖାସ୍ କରି ଆକର୍ଷଣୀୟ ବାସ୍ତୁକଳାରେ ପରିପୂର୍ଣ୍ଣ ଏଠାକାର ଦୁର୍ଗ ତଥା ଶାନ୍ତ ସମୁଦ୍ରତଟ ପାଇଁ ଏହି ସ୍ଥାନଟି ଦେଶବିଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ସେଥିପାଇଁ ଅଧିକାଂଶ ସମୟରେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥାଏ।

### ଇତିହାସ

ରତ୍ନାଗିରିର ମରାଠା ଇତିହାସରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ସୂଚନାନୁଯାୟୀ, ୧୭୩୧ ମସିହାରୁ ଏହି ଅଞ୍ଚଳ ସତାରାର ରାଜାଙ୍କ ଅଧୀନରେ ଥିଲା। କିନ୍ତୁ ୧୮୧୮ ମସିହା ବେଳକୁ ଏହା ଇଂରେଜମାନଙ୍କ ଅଧୀନକୁ ଚାଲିଯାଇଥିଲା। ଏଠାରେ ଏମିତି ଏକ ଦୁର୍ଗ ରହିଛି, ଯାହାକୁ ବିଜାପୁର ରାଜପରିବାର ତରଫରୁ ନିର୍ମାଣ କରାଯାଇଥିଲେ ହେଁ, ପରବର୍ତ୍ତୀ ସମୟରେ ଶିବାଜୀ ମହାରାଜା ଏହାର ପୁନରୁଦ୍ଧାର କାମ କରିଥିଲେ। ତା'ଛଡ଼ା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବାଲ୍ ଗଙ୍ଗାଧର ତିଲକ୍‌ଙ୍କ ଜନ୍ମଭୂମି ଭାବେ ରତ୍ନାଗିରିର ଆଉ ଏକ ନିଆରା ପରିଚିତ ମଧ୍ୟ ରହିଛି।

### କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଯେମିତିକି:

**ରତ୍ନାଗିରି ଦୁର୍ଗ:** ଏହା ରତ୍ନଦୁର୍ଗ ତଥା ଭଗବତୀ ଦୁର୍ଗ ଭାବେ ବି ଜଣାଶୁଣା। ଏହି ଦୁର୍ଗଟିକୁ ବିଜାପୁର ରାଜପରିବାର ତରଫରୁ ପ୍ରଥମେ ନିର୍ମାଣ କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଶିବାଜୀ ମହାରାଜ ଏହାର ପୁନରୁଦ୍ଧାର କରିବା ସହ ଏହାକୁ ମରାଠା ନୌସେନାର ପ୍ରମୁଖ କେନ୍ଦ୍ର ଭାବେ ଘୋଷଣା କରିଥିଲେ। ଏହି ଦୁର୍ଗ ମଧ୍ୟରେ ତିନୋଟି ସୁଡ଼ଙ୍ଗ ସହ ଭଗବତୀ ମାତାଙ୍କର ମନ୍ଦିର ମଧ୍ୟ ସୁରକ୍ଷିତ ଅବସ୍ଥାରେ ଏବେ ବି ରହିଛି।

**ଜୟଗଡ଼ ଦୁର୍ଗ:** ଏହି ଦୁର୍ଗଟି ମଧ୍ୟ ସ୍ଥାନୀୟ ଅଞ୍ଚଳର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ଜଣାଯାଇଥାଏ। ଏହା ଏକ ବିରାଟ ପାହାଡ଼ ଉପରେ ନିର୍ମିତ। ଏଠାରେ ଠିଆହେଲେ ଚତୁଃପାର୍ଶ୍ୱର ଦୃଶ୍ୟ ବେଶ୍ ଆକର୍ଷଣୀୟ ଲାଗିଥାଏ। ସେହିପରି ଏହି ଦୁର୍ଗଠାରୁ କିଛି ଦୂରରେ ରହିଛି ଜୟଗଡ଼ ଲାଇଟ୍‌ହାଉସ୍, ଯାହା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ।

**ସମୁଦ୍ରତଟ:** ରତ୍ନାଗିରିରେ ମଧ୍ୟ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ସମୁଦ୍ରତଟ ; ଯେମିତିକି: ଗଣପାଟିପୁଲେ ବିଚ୍, ଭାଟ୍ୟ ବିଚ୍, ଗଣେଶଗୁଲେ ବିଚ୍, ପାଣ୍ଡ୍ରେ ସମୁଦ୍ର ଇତ୍ୟାଦି ଅନ୍ୟତମ।

କେବଳ ଏତିକି ନୁହେଁ ରତ୍ନାଗିରିରେ ଅନେକ ବୌଦ୍ଧ ମଠ, ମହଲ ତଥା ଆଧ୍ୟାତ୍ମିକ ପୀଠ ବି ପର୍ଯ୍ୟଟକ ବୁଲି ଦେଖିପାରିବେ।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ରତ୍ନାଗିରିକୁ ବୁଲିଯିବା ପାଇଁ ଅକ୍ଟୋବରରୁ ଫେବୃୟାରୀ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଖରାଦିନେ ଏଠାରେ ଟିକେ ଅଧିକ ଗରମ ଅନୁଭୂତ ହୋଇଥାଏ ; ଯଦ୍ୱାରା ବୁଲାବୁଲି କରିବାକୁ ଅସୁବିଧା ହୁଏ। ସେହିପରି ବର୍ଷାଦିନେ ବି ବୁଲିବାକୁ ଉପଯୁକ୍ତ ପରିବେଶ ନଥାଏ। ତେଣୁ ଅକ୍ଟୋବରରୁ ଫେବୃୟାରୀ ଭିତରେ ଏଠାକୁ ଗଲେ ବୁଲିବାକୁ ଅନୁକୂଳ ପରିବେଶ ମିଳିବା ସହ ଭ୍ରମଣର ଭରପୂର ମଜା ନେଇହୁଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ମୁମ୍ବାଇରୁ ସିଧାସଳଖ ବସ୍‌ର ସୁବିଧା ଏଠାକୁ ରହିଛି। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଟ୍ରେନ୍ ଯୋଗେ ବି ଏଠାକୁ ଯାଇପାରିବେ।











# ପୁରୁଣା ଟାୟାରରୁ ସୁନ୍ଦର ଜୋତା

ଅଦରକାରୀ ଜିନିଷକୁ କେବେ ହେୟ ମନେକରିବା ଉଚିତ ନୁହେଁ। କାରଣ ସେଥିରୁ ବି ବହୁ ଦରକାରୀ ଜିନିଷ ତିଆରି ହୋଇପାରେ। ଠିକ୍ ଯେମିତି ପୁଣେର ୨୮ ବର୍ଷୀୟା ଆଇଟି ପ୍ରଫେଶନାଲ୍ ପୂଜା ଆପ୍ଟେ ବାଦାମୀକର ଅଦରକାରୀ ପୁରୁଣା ଟାୟାରରୁ ତିଆରି କରୁଛନ୍ତି ଫ୍ୟାଶନେବଲ ଫୁଟୱେର। ସେ ଏହାକୁ ନେଇ ବ୍ୟବସାୟ ବି ଆରମ୍ଭ କରିଦେଇଛନ୍ତି। ମାସକୁ ସେ ୨୦୦ ଫୁଟୱେର ତିଆରି କରୁଛନ୍ତି। ଆଉ ବାର୍ଷିକ ଲାଭ ୭ ଲକ୍ଷରୁ ଊର୍ଦ୍ଧ୍ୱ ହେଉଛି। ଫଳରେ ତାଙ୍କୁ ମିଳିଛି ନୂଆ ଏକ ପରିଚୟ। ପୂଜା ୪ ବର୍ଷ ଆଇଟି ପ୍ରଫେଶନରେ ରହିବା ଭିତରେ ରିସର୍ଚ୍ଚ ପାଇଁ ଆଫ୍ରିକା ଯାଇଥିଲେ। ସେଠାରେ ସେ ଏକ ଆଦିବାସୀ ଜନଜାତି ପୁରୁଣା ଟାୟାରରୁ ଜୋତା ଚପଲ ତିଆରି କରି ପିନ୍ଧୁଥିବା ଦେଖିଥିଲେ। ଏହା ଦେଖିବା ପରେ ହିଁ ପୂଜା ଟାୟାରରୁ ସୁନ୍ଦର ଜୋତା ତିଆରି କରି ବ୍ୟବସାୟ କରିବା ପାଇଁ ଯୋଜନା କରିଥିଲେ। ପ୍ରଥମେ ସେ ୨ ହଳ ଜୋତା ଡିଜାଇନ କରି ଷ୍ଟାର୍ଟ ଅପ୍ ଇଣ୍ଡିଆରେ ପ୍ରଦର୍ଶିତ କରିଥିଲେ। ଆଉ ସମସ୍ତେ ଏହାକୁ ବହୁତ ପସନ୍ଦ କରିଥିଲେ। ତା'ପରେ ସେ ଅଧିକରୁ ଅଧିକ ଡିଜାଇନ୍‌ର ଜୋତା ତିଆରି କଲେ। ଆଉ ୨୦୧୮ରେ ତାଙ୍କୁ 'ଅପ୍ କମିଂ ଓମେନ ଏଣ୍ଟରପ୍ରେନ୍ୟୁର' ଶ୍ରେଣୀରେ ୫୦,୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ପୂଜାଙ୍କ ଜୋତାର ବ୍ରାଣ୍ଡ 'ନେମିତାଲ' ଅଟେ। ଏହା ମଧ୍ୟରେ ସେ ୩୫ ପ୍ରକାରର ଜୋତା ଡିଜାଇନ୍ କରିଛନ୍ତି। ଅନ୍‌ଲାଇନ୍‌ରେ ଏସବୁକୁ ସେ ବିକ୍ରି କରନ୍ତି। ପୁଣେରେ ଏକ ଛୋଟ ଫୁଟୱେର ଦୋକାନ ବି କରିଛନ୍ତି। ପୂଜା ପ୍ରଥମେ ୧ ଲକ୍ଷ ଟଙ୍କା ନିବେଶ କରି ନିଜର ଷ୍ଟାର୍ଟ ଅପ୍ ଆରମ୍ଭ କରିଥିଲେ। ଏବେ ସେ ଚାକିରି ଛାଡି ନିଜ ବ୍ୟବସାୟରେ ମନୋନିବେଶ କରିଛନ୍ତି। ତାଙ୍କର ଇଚ୍ଛା ନିଜ ବ୍ରାଣ୍ଡର ଫୁଟୱେରକୁ ରପ୍ତାନି କରିବା। ସେଥିପାଇଁ ସେ ବେଶ୍ ପରିଶ୍ରମ ବି କରୁଛନ୍ତି।

## କାର୍ଟୁନ କର୍ନର



# ବିରଳ ଫୁଲ





**ଫୁଲ କାହାକୁ ବା ଭଲ ନ ଲାଗେ। କେତେଗୁଡ଼ିଏ ଫୁଲ ଦିନକ ପାଇଁ ଫୁଟି ମଉଳିଯାଏ ତ ଆଉକିଛି ଫୁଲ ଫୁଟିବା ପାଇଁ ଲାଗେ ବର୍ଷ ବର୍ଷ; ଯାହା ଏତେ ସହଜରେ ଦେଖିବାକୁ ମିଳେନାହିଁ। ଆସନ୍ତୁ ଜାଣିବା ସେମିତି କିଛି ବିରଳ ଫୁଲ ସମ୍ପର୍କରେ...**



**କର୍ପସ୍ ଫ୍ଲାୱାର:** ଏ ହେଉଛି ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଦେଖିବାକୁ ମିଳୁଥିବା ବିରାଟକାୟ ଓ ବିରଳ ଫୁଟୁଥିବା ଫୁଲ। ଏହା ପଚା ମାଂସ ପରି ଗନ୍ଧ ହେଉଥିବାରୁ ଏହାକୁ ଶବ ଫୁଲ ମଧ୍ୟ କୁହାଯାଏ ଏବଂ ଏପରି ଗନ୍ଧ ଯୋଗୁ କୀଟପତଙ୍ଗ ଆକୃଷ୍ଟ ହୋଇ ଏହି ଫୁଲ ଉପରେ ବସିବାକୁ ଆସିଥାନ୍ତି। ଏହା ଏକ କାଣ୍ଡ ବିହୀନ, ପତ୍ର ବିହୀନ ଲତା ଜାତୀୟ ଗଛର ଫୁଲ। ଏହି ଫୁଲ ପ୍ରଥମ ଥର ଫୁଟିବା ପାଇଁ ୭-୧୦ ବର୍ଷ ସମୟ ଲାଗେ।

**ଆଗାଭେ ଫ୍ଲାୱାର୍ :** ଆଗାଭେ ଫ୍ଲାୱାର ମଧ୍ୟ ଏକ ବିରଳ ପ୍ରଜାତିର ଫୁଲ। ବେଳେବେଳେ ଏହା ଫୁଟିବାକୁ ୮୦ ବର୍ଷ ସମୟ ଲାଗିଯାଏ। ଏହି ଗଛ ସାଧାରଣତଃ ମେକ୍ସିକୋରେ ଦେଖିବାକୁ ମିଳିଥାଏ । କିନ୍ତୁ ଏବେ ଏହା ଦକ୍ଷିଣ ଏବଂ ପଶ୍ଚିମ ଆମେରିକାରେ ମଧ୍ୟ ଦେଖିବାକୁ ମିଳୁଛି। ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟର ବଟାନିକାଲ ଗାର୍ଡେନରେ ଏହି ଗଛ ୧୯୩୪ ମସିହାରେ ଲଗାଯାଇଥିଲା ଏବଂ ୨୦୧୪ରେ ପ୍ରାୟ ୮୦ ବର୍ଷ ପରେ ଏଥିରେ ପ୍ରଥମ ଥର ଫୁଲ ଫୁଟିବା ପରେ ଜଣାପଡିଲା ଯେ, ଏହି ଗଛରେ ଫୁଲ ଧରିବାକୁ ଏତେ ବର୍ଷ ସମୟ ଲାଗେ । ଏହା ପ୍ରତିଦିନ ୬ଇଞ୍ଚ ବଢି ପ୍ରାୟ ୨୭ ଫୁଟ୍ ଉଚ୍ଚ ବିଶିଷ୍ଟ ଫୁଲ ହୋଇଥାଏ । ଆଗାଭେ ଫ୍ରାନ୍‌ଜୋସିନି ଓ ଆଗାଭେ ଆମେରିକାନା ନାମକ ଗୋଟିଏ ପ୍ରଜାତିର ଦୁଇ ପ୍ରକାରର ଗଛ ରହିଛି।

**କୁଇନ୍ ଅଫ ଦ ଆଣ୍ଡିଜ୍ :** ବଲିଭିଆ ଏବଂ ପେରୁ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୩୨୦୦ ରୁ ୪୮୦୦ ମିଟର ଉଚ୍ଚ ବିଶିଷ୍ଟ ଆଣ୍ଡିଜ୍ ପାହାଡ଼ରେ ବିରଳ ଦେଖିବାକୁ ମିଳୁଥିବା ଫୁଲ ହେଉଛି କୁଇନ୍ ଅଫ ଦ ଆଣ୍ଡିଜ୍ ଫ୍ଲାୱାର । ଏହି ଗଛ ୧୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ କିନ୍ତୁ ଏଥିରେ ଥରେମାତ୍ର ଫୁଲ ଫୁଟିଥାଏ। ଏହାର ଜୀବନ କାଳ ମଧ୍ୟରେ ଏକାଥରକରେ ହଜାରରୁ ଊର୍ଦ୍ଧ୍ୱ ଫୁଲ ଫୁଟିଥାଏ । ଏହାର ଗଛ ପ୍ରାୟ ୪୦ ଫୁଟ ଉଚ୍ଚ ବିଶିଷ୍ଟ ହୋଇଥାଏ । ଏହି ଗଛ ପୋଷକ ତତ୍ତ୍ୱ ସଂଗ୍ରହ କରି ରଖିଥାଏ ଫୁଲ ବଡ଼ ଆକାରର ହେବା ପାଇଁ । ଫୁଲ ହେବା ପରେ ଏହି ଗଛ ମରିଯାଏ ।


**ଟାଲିପଟ ପାମ୍ ଫ୍ଲାୱାର:** ଟାଲିପଟ ପାମ୍ ସାଧାରଣତଃ ଦକ୍ଷିଣ-ପୂର୍ବ ଭାରତ, ଶ୍ରୀଲଙ୍କା, କମ୍ବୋଡିଆ, ଥାଇଲାଣ୍ଡ, ମ୍ୟାନ୍‌ମାର, ନ୍ୟୁଜିଲାଣ୍ଡ ଏବଂ ଆଣ୍ଡାମାନ ଦ୍ୱୀପ ଆଦି ସ୍ଥାନରେ ଦେଖିବାକୁ ମିଳିଥାନ୍ତି । ଏହି ଗଛ ୮୦ ବର୍ଷରୁ ଅଧିକ ଦିନ ବଞ୍ଚିଥାଏ ଏବଂ ଏହାର ଜୀବନ କାଳ ମଧ୍ୟରେ ଥରେ ମାତ୍ର ବଡ ବଡ ଗୁଚ୍ଛରେ ହାଲକା କ୍ରିମ୍ କଲର୍‌ର ଫୁଲ ହୋଇଥାଏ । ଏଥିରେ ଫୁଲ ଫୁଟିବା ପରେ ହଳଦିଆ- ସବୁଜ ରଙ୍ଗର ପ୍ରଚୁର ଫଳ ମଧ୍ୟ ହୋଇଥାଏ ।

**ବାଉଁଶ ଫୁଲ:** ବାଉଁଶ ଗଛ ପୃଥିବୀରେ ଶୀଘ୍ର ବଢୁଥିବା ଗଛ ମଧ୍ୟରୁ ଅନ୍ୟତମ । ଯଦିଓ ନିକଟ ଅତୀତରେ ୧୩୦ ବର୍ଷରୁ ଅଧିକ ସମୟ ପରେ ଫୁଲ ଧରୁ ଥିବାର ଜାଣିବାକୁ ମିଳିଛି କିନ୍ତୁ ସାଧାରଣତଃ ଏଥିରେ ଫୁଲ ହେବା ପାଇଁ ପାଖାପାଖି ୫୦ ବର୍ଷ ସମୟ ଲାଗେ । ଅନୁପଯୋଗୀ ଭୌଗୋଳିକ ସ୍ଥାନ ଏବଂ ଅନୁପଯୋଗୀ ଜଳବାୟୁ ଯୋଗୁ ଫୁଲ ଧରିବାରେ ଏପରି ଏତେ ବର୍ଷର ବ୍ୟବଧାନ ହୋଇଥାଏ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣାପଡିଛି । ଫୁଲ ଧରିବା ପରେ ବାଉଁଶ ଗଛ ମରିଯାଏ ।


**ୟୁଟାନ ପୋଲୁଓ :** ୟୁଟାନ ପୋଲୁଓ ବା ଉଦୁମ୍ବରା ଫୁଲ ; ବିଶ୍ୱାସ କରାଯାଏ ଯେ ଏହା ପ୍ରତି ୩୦୦୦ ବର୍ଷରେ ଥରେ ଫୁଟେ। ଏହା ଏକ କିମ୍ବଦନ୍ତୀମୂଳକ ଫୁଲ, ଯାହା ବିଷୟରେ ବୌଦ୍ଧଧର୍ମ ଏବଂ ହିନ୍ଦୁଧର୍ମରେ ଉଲ୍ଲେଖ କରାଯାଇଛି । ପ୍ରଥମ ଥର ୧୯୯୭ ମସିହାରେ ଦକ୍ଷିଣ କୋରିଆର ଏକ ବୁଦ୍ଧ ମୂର୍ତ୍ତି ତଳେ ଏହି ଫୁଲକୁ ଆବିଷ୍କାର କରାଯାଇଥିଲା । ଏହି ଫୁଲ ଫୁଟିଥିବା ଚିହ୍ନ ବୁଦ୍ଧଙ୍କର ନୂତନ ଅବତାର ବୋଲି ଲୋକକଥାରେ ଶୁଣିବାକୁ ମିଳୁଥିଲା । ଏହା ବହୁତ କ୍ଷୁଦ୍ର ଧଳା ରଙ୍ଗର ଫୁଲ, ଯାହା ଏକ ମିଲିମିଟରରୁ ବି ଛୋଟ ହେବ ।


**ଦି କାଡୁପୁଲ ଫ୍ଲାୱାର :** କାଡୁପୁଲ ଫ୍ଲାୱାର, ଯାହାକୁ ରାତିର ରାଣୀ ବୋଲି ମଧ୍ୟ କୁହାଯାଏ। ଏହି ଫୁଲ ରାତି ସମୟରେ ଫୁଟେ, ପାହାନ୍ତା ହେଲେ ମଉଳି ଯାଏ । ସାଧାରଣତଃ ଶ୍ରୀଲଙ୍କାରେ ଏହି ଧଳା- ହଳଦିଆ ଫୁଲ ଦେଖିବାକୁ ମିଳିଥାଏ । ଏହି ଫୁଲ ୧୦ରୁ ୩୦ ସେଣ୍ଟିମିଟର ବିଶିଷ୍ଟ ହୋଇଥାଏ । ଏହା ଫୁଟିଲେ ଏହାର ସୁଗନ୍ଧ ଚାରିଆଡେ ଖେଳେଇ ହୋଇଯାଇ ଏକ ସୁଖକର ପରିବେଶ ସୃଷ୍ଟି କରେ । ଏହା ଏକ ବିରଳ, ଦେଖିବାକୁ ମିଳୁଥିବା ଫୁଲ ଯାହା ବର୍ଷକୁ ଥରେ ଫୁଟେ । ଏହାକୁ ଜହ୍ନ ଫୁଲ ଓ ସ୍ୱର୍ଗ ଫୁଲ ବୋଲି ମଧ୍ୟ କୁହାଯାଏ। ଭାରତରେ ଏହା ବ୍ରହ୍ମକମଳ ନାମରେ ପରିଚିତ ।











ବ୍ୟାକ୍ ପେଜ୍



# ଧାନ କ୍ଷେତ ପାଲଟିଛି କାନ୍ଭାସ୍







**କା**ନ୍ଭାସ୍ ଉପରେ ରଙ୍ଗ ତୂଳୀରେ ଚିତ୍ର ତ ସମସ୍ତେ କରନ୍ତି। କିନ୍ତୁ କିଛି ଲୋକ ସବୁବେଳେ ଚାହାନ୍ତି ନିଜ କଳାର ଯାଦୁକରି ଭିନ୍ନ ଭିନ୍ନ ଉପାୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ। ଜାପାନ, ଇନାକାଡେଟ୍ ଗ୍ରାମରେ ଦେଖିବାକୁ ମିଳେ ସେମିତି ଏକ ଭିନ୍ନ ଚିତ୍ରକରି, ଯାହାକି ଏଠାକାର ଧାନ କ୍ଷେତରେ ହୋଇଥାଏ। ଏହି କାରିଗରିକୁ 'ତାନ୍ବୋ' କୁହାଯାଏ। ୧୯୯୩ରେ ଏଠାରେ ପ୍ରଥମ ଧାନ କ୍ଷେତ ଆର୍ଟ ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରକାରର ଧାନ ଗଛକୁ ବ୍ୟବହାର କରି ଏହି ଆର୍ଟ କରାଯାଇଥାଏ। ବେଶ୍ ବଡ଼ ବଡ଼ ହୋଇଥାଏ ଏହି ଚିତ୍ରକଳା। ଏହାକୁ ତିଆରି କରିବା ପାଇଁ ଏକ ସ୍ୱତନ୍ତ୍ର ଜାପାନୀ ପଦ୍ଧତି ବ୍ୟବହାର କରାଯାଏ। ପ୍ରଥମେ ସେହି କ୍ଷେତକୁ ଭଲଭାବେ ଅନୁଧ୍ୟାନ କରାଯାଏ। ଆଉ କେଉଁ ଚିତ୍ର ସେଥିରେ କରିହେବ ଯୋଜନା କରାଯାଏ। ଏହାପରେ ପେଣ୍ଟିଂ ଅନୁଯାୟୀ ଭିନ୍ନ ଭିନ୍ନ ପ୍ରକାରର ଧାନ ଗଛ ଲଗାଯାଏ। ଜାପାନର ଇନାକାଡେଟ୍‌ରେ ହେଉଥିବା ଏହି ବଡ ବଡ ତାନବୋ ଆର୍ଟରେ ୧୦ ପ୍ରକାରର ଧାନ ଗଛ ଲଗାଯାଏ। ଏହି କାମ ବସନ୍ତ ଋତୁ ଆରମ୍ଭ ତଥା ଖରାଦିନ ପ୍ରାରମ୍ଭରେ କରାଯାଏ। ଜୁଲାଇ ଅଗଷ୍ଟ ମାସ ବେଳକୁ ଗଛ ବଡ଼ ହୋଇ ପୂରା ପେଣ୍ଟିଂ ପାଲଟିଯାଏ। ଏହି ଦୃଶ୍ୟକୁ ଦେଖିବା ଲାଗି କ୍ଷେତଠାରୁ କିଛି ଦୂରରେ ଭ୍ୟୁଇଂ ପ୍ଲାଟଫର୍ମ ତିଆରି କରାଯାଇଥାଏ। ଜାପାନର ଏହି ସ୍ୱତନ୍ତ୍ର ଚିତ୍ରକଳାକୁ ଉପଭୋଗ ପାଇଁ ପୃଥିବୀର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସନ୍ତି।

# ପାନ ଖୁଆଇ ବାଛନ୍ତି ଜୀବନସାଥୀ

**ହି**ନ୍ଦୁ ଧର୍ମରେ ବିବାହକୁ ପବିତ୍ର ଓ ସାତ ଜନ୍ମର ସମ୍ପର୍କ ଭାବେ ବିବେଚନା କରାଯାଏ। ଏଠାରେ ବିବାହର ଅନେକ ପ୍ରକାର ନୀତି ନିୟମ ଦେଖିବାକୁ ମିଳିଥାଏ। କିଛି ବିବାହର ପ୍ରଥା ତ ବହୁତ ଅଜବ ହୋଇଥାଏ, ଯାହା କି ବହୁ ବର୍ଷ ଧରି ଚାଲି ଆସିଥାଏ। ସେମିତି ଏକ ଅଜବ ବିବାହ ପ୍ରଥା ମଧ୍ୟପ୍ରଦେଶ, ହରଦା ଜିଲାର ଆଦିବାସୀ ସମ୍ପ୍ରଦାୟରେ ଦେଖିବାକୁ ମିଳେ। ମଧ୍ୟପ୍ରଦେଶର ଆଦିବାସୀ ଅଧ୍ୟୁଷିତ ଗ୍ରାମ ମୋରଗଢିରେ ପ୍ରତିବର୍ଷ ଦୀପାବଳିର ଏକ ସପ୍ତାହ ପରେ ଏକ ମେଳାର ଆୟୋଜନ କରାଯାଏ। ଏଥିରେ ବହୁ ସଂଖ୍ୟାରେ ଯୁବତୀ ଯୁବକ ସାମିଲ ହୁଅନ୍ତି। ଏହି ମେଳାରେ ଆଦିବାସୀ ଯୁବତୀ ଯୁବକ ପରସ୍ପରକୁ ପାନ ଖୁଆଇ ଜୀବନସାଥୀ ବାଛନ୍ତି। ଏହି ପରମ୍ପରା ବହୁ ପୁରୁଣା। ମେଳା ଦିନ ଯୁବତୀ ଯୁବକ ଦିନ ସାରା ସାଙ୍ଗ ହୋଇ ବୁଲନ୍ତି, ଆଉ ସନ୍ଧ୍ୟାରେ ପରସ୍ପରକୁ ପାନ ଖୁଆଇ ଜୀବନସାଥୀ ଭାବେ ବାଛି ନିଅନ୍ତି। ଆଉ ବିବାହ ପାଇଁ ଘୋଷଣା କରନ୍ତି। ପରେ ଦୁହେଁ ନିଜ ନିଜ ଘରକୁ ଚାଲି ଯାଆନ୍ତି। ବିବାହର ଖବର ଝିଅ ଘରକୁ ପଠାଇ ଦିଆଯାଏ। ଏହାପରେ ଝିଅ ଯଦି ଘରକୁ ନ ଫେରେ, ତଥାପି ଝିଅ ଘର ଝିଅକୁ ଖୋଜନ୍ତି ନାହିଁ।

# ସବୁଠୁ ଲମ୍ବା କେକ୍

**ଜ**ନ୍ମଦିନରେ କେକ୍ କାଟିବା ଯେମିତି ସାଧାରଣ କଥା ପାଲଟିଗଲାଣି। ଏହାଛଡ଼ା କିଛି ଖାସ୍ ସମୟକୁ ସେଲିବ୍ରେଟ୍ କରିବା ପାଇଁ ବି କେକ୍ ଲୋଡ଼ା ପଡୁଛି। ତେଣୁ ବିଭିନ୍ନ ପ୍ରକାରର କେକ୍ ବଜାରରେ ଉପଲବ୍ଧ ହୁଏ। ତେବେ ଜାଣନ୍ତି କି ପୃଥିବୀର ସବୁଠାରୁ ଲମ୍ବା କେକ୍ ଭାରତରେ ତିଆରି ହୋଇଛି। କେରଳର ତ୍ରିଶୂର କ୍ଷେତ୍ରର ୧୫୦୦ ବେକର୍ ଏହାକୁ ତିଆରି କରି ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏହି କେକ୍‌ର ଲମ୍ବ ୫.୩ କି.ମି.। ଏହା ଭାନିଲା ଫ୍ଲେଭର୍‌ର କେକ୍ ଥିଲା। କେକ୍‌ର ଓଜନ ୨୭,୦୦୦ କି.ଗ୍ରା. ଓ ଉଚ୍ଚତା ୧୦ ସେ.ମି.। ଏହାକୁ ତିଆରି କରିବା ପାଇଁ ବେକର୍‌ଙ୍କୁ ୪ ଘଣ୍ଟା ସମୟ ଲାଗିଥିଲା। ଫୁଟ୍‌ପାଥରେ ହଜାର ହଜାର ସଂଖ୍ୟାର ଟେବୁଲ ଓ ଡେସ୍କକୁ ଲାଇନ୍ କରି ରଖି ତା'ଉପରେ ଏହି କେକ୍ ତିଆରି କରାଯାଇଥିଲା। ସୂଚନାଯୋଗ୍ୟ ଯେ, ପୂର୍ବରୁ ଚାଇନାର ୩.୨ କି.ମି. ଲମ୍ବର କେକ୍ ସବୁଠାରୁ ଲମ୍ବା କେକ୍ ରେକର୍ଡ କରିଥିଲା।

